- Vol.- 46, Issue No. 166
- Tuesday, 15 September 2026
- ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଦେଶରେ ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

★ ଅଗଷ୍ଟରେ ୪.୮୨ ପ୍ରତିଶତକୁ ବୃଦ୍ଧି ★ ଖାଦ୍ୟମୁଦ୍ରାସ୍ଫୀତି ରହିଛି ୫.୯୫ ପ୍ରତିଶତ

★ ସହରାଞ୍ଚଳରେ ମୁଦ୍ରାସ୍ଫୀତି ୪.୩୧ ଓ ଗ୍ରାମାଞ୍ଚଳରେ ୫.୨୩ ପ୍ରତିଶତ

ନୂଆଦିଲ୍ଲୀ, ୧୪।୯: ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଏମଓଏସପିଆଇ) ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଅଗଷ୍ଟ ମାସରେ 'ଉପଭୋକ୍ତା ମୂଲ୍ୟ ସୂଚକାଙ୍କ' (ସିପିଆଇ) ଉପରେ ଆଧାରିତ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୪.୮୨ ପ୍ରତିଶତ ରହିଛି। ୨୦୨୪କୁ ଆଧାର ବର୍ଷ ଭାବରେ ଗ୍ରହଣ କରି 'ଅଲ୍ ଇଣ୍ଡିଆ ସିପିଆଇ' ଉପରେ ଆଧାରିତ ଏହି ମୁଦ୍ରାସ୍ଫୀତି ହାର, ଗତ ବର୍ଷ (ଅଗଷ୍ଟ ୨୦୨୫) ତୁଳନାରେ ଉପଭୋକ୍ତା ମୂଲ୍ୟରେ ହୋଇଥିବା ପରିବର୍ତ୍ତନକୁ ମାପିଥାଏ। ଅଗଷ୍ଟ ମାସର ଏହି ସଂଖ୍ୟା ଅସ୍ଥାୟୀ ଅଟେ। ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ମୂଲ୍ୟ ବୃଦ୍ଧିର ହାର ଅଧିକ ରହିଛି। ସହରାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୪.୩୧ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ଏହା ୫.୨୩ ପ୍ରତିଶତ ରହିଛି।ଉକ୍ତ ମାସରେ ମୁଦ୍ରାସ୍ଫୀତି ଚାପର ଏକ ପ୍ରମୁଖ କାରଣ ଭାବରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ରହିଛି। ଅଗଷ୍ଟରେ



'ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ' ୫.୯୫ ପ୍ରତିଶତର ବାର୍ଷିକ ମୁଦ୍ରାସ୍ଫୀତି ରେକର୍ଡ କରିଛି। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩ ପ୍ରତିଶତ ଏବଂ ସହରାଞ୍ଚଳରେ ୫.୬୪ ପ୍ରତିଶତ ରହିଛି। ଖାଦ୍ୟ ଓ ପାନୀୟ ବିଭାଗରେ ମୁଦ୍ରାସ୍ଫୀତି ହାର ୫.୬୬ ପ୍ରତିଶତ ରେକର୍ଡ କରାଯାଇଛି, ଯାହା ମୁଖ୍ୟ ସିପିଆଇ ମୁଦ୍ରାସ୍ଫୀତି ହାରଠାରୁ ଅଧିକ। ପ୍ରମୁଖ ଉପଭୋଗ ବିଭାଗଗୁଡ଼ିକ ମଧ୍ୟରେ, ବ୍ୟକ୍ତିଗତ ଯତ୍ନ, ସାମାଜିକ ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ ଓ ସେବା କ୍ଷେତ୍ରରେ ସର୍ବାଧିକ ୧୫.୧୭ ପ୍ରତିଶତ ମୁଦ୍ରାସ୍ଫୀତି ରେକର୍ଡ କରାଯାଇଛି। ଏହା ପଛକୁ ରେଷ୍ଟୋରାଁ ଏବଂ ରହଣି ସେବା (ଆବାସନ) ରହିଛି, ଯେଉଁଠାରେ ମୁଦ୍ରାସ୍ଫୀତି ହାର ୮.୩୮ ପ୍ରତିଶତ ରହିଛି। ପାନ, ତମାଖୁ ଏବଂ ନିଶାଦ୍ରବ୍ୟ କ୍ଷେତ୍ରରେ ମୁଦ୍ରାସ୍ଫୀତି ୪.୭୧ ପ୍ରତିଶତ ରେକର୍ଡ କରାଯାଇଥିବାବେଳେ ପରିବହନ ସେବାରେ ଏହା ୪.୬୦ ପ୍ରତିଶତ ରହିଥିଲା। ଶିକ୍ଷା ସେବାରେ ମୁଦ୍ରାସ୍ଫୀତି ୩.୭୩ ପ୍ରତିଶତ ରେକର୍ଡ କରାଯାଇଥିଲା ଏବଂ ପୋଷାକ ତଥା ଜୋତାର ମୂଲ୍ୟରେ ୩.୫୬ ପ୍ରତିଶତ ବୃଦ୍ଧି ଘଟିଥିଲା। ଘର ସାଜସଜ୍ଜା, ଘରୋଇ ଉପକରଣ ଏବଂ ଘରର ନିୟମିତ ରକ୍ଷଣାବେକ୍ଷଣ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨.୬୮ ପ୍ରତିଶତ ରହିଥିଲା। ଆବାସ, ଜଳ, ବିଦ୍ୟୁତ୍, ଗ୍ୟାସ୍ ଏବଂ ଅନ୍ୟାନ୍ୟ ଇନ୍ଧନ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨.୬୧ ପ୍ରତିଶତ ରେକର୍ଡ କରାଯାଇଥିଲା।ସର୍ବନିମ୍ନ ସ୍ତରରେ, ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨.୦୧ ପ୍ରତିଶତ ରହିଥିବା ବେଳେ ମନୋରଞ୍ଜନ, କ୍ରୀଡ଼ା ଏବଂ ସଂସ୍କୃତି କ୍ଷେତ୍ରରେ ଏହା ୧.୭୪ ପ୍ରତିଶତ ରହିଥିଲା।ଅଗଷ୍ଟ ରେ ବିଭିନ୍ନ କ୍ଷେତ୍ର ମଧ୍ୟରେ ସ୍ୱାସ୍ଥ୍ୟ ସେବାରେ ସର୍ବନିମ୍ନ ମୁଦ୍ରାସ୍ଫୀତି (୧.୩୪ ପ୍ରତିଶତ) ରେକର୍ଡ କରାଯାଇଥିଲା।



'ଦିନଲିପି' ପକ୍ଷରୁ ନୂଆଁଖାଇ ଜୁହାର

## ମାସୁଦ ନାଁରେ ପାକ୍ ୱାରେଣ୍ଟ

### ଧରାଇ ଦେଲେ ୭୦ ଲକ୍ଷ ପୁରସ୍କାର



ନୂଆଦିଲ୍ଲୀ, ୧୪।୯: ଫାଇନାନସିଆଲ ଆକ୍ସନ ଟାସ୍କ ଫୋର୍ସ(ଏଫଏଟିଏଫ)କୁ କୁ ଧୋକ୍କା ଦେବାକୁ ପାକିସ୍ତାନ ଚାଲବାଜି ଚଳାଇଥିବା କୁହାଯାଇଛି। ଆତଙ୍କୀ ସଙ୍ଗଠନ ଜୈଶ-ଏ-ମହମ୍ମଦର ମୁଖ୍ୟ ମାସୁଦ ଅଜହର ନାଁରେ ପାକ୍ ୱାରେଣ୍ଟ ଜାରି କରିଛି। ପାକ୍ ଯାଞ୍ଚ ଏଜେନ୍ସି ଏଫଆଇଏ ମୋଷ୍ଟ ୱାଣ୍ଟେଡ୍ ଆତଙ୍କୀଙ୍କ ରେଡ୍ ବୁକ୍ ଜାରି କରିଛି । ଏହି ତାଲିକାରେ ମାସୁଦ ଅଜହରର ନାଁ ଅଛି । ମସୁଦକୁ ଧରାଇ ଦେଲେ ୭୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି । ପ୍ରତି ପାଞ୍ଚ ବର୍ଷରେ ଥରେ ଏହି ରେଡ୍ ବୁକ୍ ଜାରି ହୁଏ । ପାକିସ୍ତାନର ଏହି ତାଲିକାରେ ମାସୁଦର ନାଁ ଅଛି । ୨୦୨୧ରେ ଏଫଏଟିଏଫର ଗ୍ରେ ଲିଷ୍ଟରୁ ବାହାରିବା ପାଇଁ ପାକିସ୍ତାନ ମସୁଦକୁ ନେଇ ମିଥ୍ୟା ଦାବି କରିଥିଲା। ମାସୁଦ ପାକିସ୍ତାନରୁ ପଳାୟନ କରି ଆଫଗାନିସ୍ତାନରେ ରହୁଥିବା କହିଥିଲା। ସେହିବର୍ଷ ଏଫଆଇଏ ମାସୁଦକୁ ଧରାଇ ଦେଲେ ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯିବ ବୋଲି ଘୋଷଣା କରିଥିଲା । ଏବେ ପାଞ୍ଚ ବର୍ଷ ପରେ ରେଡ୍ ବୁକ୍‌ରେ ପୁରସ୍କାର ରାଶିକୁ ୫୦ ଲକ୍ଷ ଟଙ୍କାରୁ ୭୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

## ୧୭ରେ ମୋଦିଙ୍କ ଜନ୍ମଦିନ

# 'ଆଶୀର୍ବାଦର ଦୀପ' ଜାଳନ୍ତୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୪।୯: ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନରେ 'ଆଶୀର୍ବାଦର ଦୀପ' ଜାଳିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭିଡିଓ ବାର୍ତ୍ତା ମାଧ୍ୟମରେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ। ଏନେଇ ଆୟୋଜିତ ହେବ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ସକାଳେ କିମ୍ବା ସନ୍ଧ୍ୟାରେ ଦୀପ ପ୍ରଜ୍ୱଳିତ କରିବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଘର, ମନ୍ଦିର କିମ୍ବା କୌଣସି ପ୍ରମୁଖ ସ୍ଥାନରେ ଦୀପ ଜାଳିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରିକି ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀ ଶୁଭେଚ୍ଛା ବାର୍ତ୍ତା ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏକରିକି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ସୋସିଆଲ ମିଡିଆରେ ଫଟୋ ଏବଂ ଭିଡିଓ ଅପଲୋଡ୍ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଅକ୍ଟୋବରରୁ ବଢ଼ିପାରେ ବାତ୍ୟା ବିପଦ

● ୩ ମାସରେ ୩ ବାତ୍ୟା ସମ୍ଭାବନା ● ମିଳିତ ବିନାଶକାରୀ ଶକ୍ତି ୮୩ ପ୍ରତିଶତ ଟପି ପାରେ

● ଓଡ଼ିଶାକୁ ମାଡ଼ ହେବ କି ନାହିଁ ପୂର୍ବାନୁମାନ ହୋଇନାହିଁ ● ଏବେଠାରୁ ଭୟଭୀତ ହେବାର କାରଣ ନାହିଁ

ଭୁବନେଶ୍ୱର, ୧୪।୯: ରାଜ୍ୟରେ ଆସନ୍ତା ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ୩ ବାତ୍ୟା ସମ୍ଭାବନା ରହିଥିବା ଇସ୍ରୋର ସ୍ପେସ୍ ଆପ୍ଲିକେସନ୍ସ ସେଣ୍ଟର ଆକଳନ କରିଛି। ଏହି ଅନୁସାରେ, ଏହି ତିନି ମାସ ମଧ୍ୟରେ ବଙ୍ଗୋପସାଗର ଓ ଆରବ ସାଗରକୁ ମିଶାଇ ଉତ୍ତର ଭାରତ ମହାସାଗରରେ ୩ଟି ବାତ୍ୟା ସୃଷ୍ଟି ହୋଇପାରେ । ୩ଟି ବାତ୍ୟା ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ।ତେବେ ଚିନ୍ତାର କାରଣ ଯେ ଗତ ୪୪ ବର୍ଷର ହାରାହାରି ତୁଳନାରେ ୨୦୨୬ର ଅକ୍ଟୋବର-ଡିସେମ୍ବରରେ ବାତ୍ୟାଗୁଡ଼ିକର ମିଳିତ ବିନାଶକାରୀ ଶକ୍ତି ପ୍ରାୟ ୮୩ ପ୍ରତିଶତ ଅଧିକ ରହିପାରେ । ଗୋଟିଏ ବାତ୍ୟା ଯଦି ଅଧିକ ଶକ୍ତିଶାଳୀ ହୁଏ ଏବଂ ଅଧିକ ସମୟ ଧରି ସେହି ଶକ୍ତି ବଜାୟ ରଖେ, ତେବେ ମୋଟ ବାତ୍ୟା ଶକ୍ତି ବହୁତ ବଢ଼ିଯାଇପାରେ । ସାଧାରଣ ଭାବରେ ଅକ୍ଟୋବର ଓ ନଭେମ୍ବର ଓଡ଼ିଶା ପାଇଁ ବାତ୍ୟାପ୍ରବଣ ସମୟ । ଅତୀତରେ ଏହି ସମୟରେ ବଙ୍ଗୋପସାଗରରୁ ଆସିଥିବା ଅନେକ ଶକ୍ତିଶାଳୀ ବାତ୍ୟା ଓଡ଼ିଶାକୁ ପ୍ରଭାବିତ କରିଛି । ଏଥର ଯଦି ବାତ୍ୟା ଅଧିକ ଶକ୍ତିଶାଳୀ ହୁଏ, ତେବେ ପ୍ରବଳ ପବନ, ଅତିପ୍ରବଳ ବର୍ଷା, ସମୁଦ୍ର ଜୁଆର ଏବଂ ବନ୍ୟା ବଡ଼ ବିପଦ ସୃଷ୍ଟି କରିପାରେ । ତେବେ ଏବେଠାରୁ ଭୟଭୀତ ହେବାର କାରଣ ନାହିଁ । ଇସ୍ରୋ ୩ଟି ବାତ୍ୟା ଓଡ଼ିଶାକୁ ମାଡ଼ ହେବ ବୋଲି କହିନାହିଁ । କେଉଁ ବାତ୍ୟା କେଉଁଠି ଯିବ କିମ୍ବା କେଉଁଠି ସ୍ଥଳଭାଗ ଛୁଇଁବ, ତାହାର ମଧ୍ୟ କୌଣସି ପୂର୍ବାନୁମାନ ହୋଇନାହିଁ । ଏହା କେବଳ ଆଗାମୀ ବାତ୍ୟା ଋତୁରେ ଶକ୍ତିଶାଳୀ ବାତ୍ୟା ସୃଷ୍ଟି ପାଇଁ ପରିବେଶ ଅଧିକ ଅନୁକୂଳ ରହିପାରେ ବୋଲି ଏକ ଋତୁକାଳୀନ ଆକଳନ।



## ଓମଫେଡ୍: ଆସୁଛି ପିଇବା ପାଣି, ନୂଆ ଆଇସକ୍ରିମ୍

ଭୁବନେଶ୍ୱର, ୧୪।୯: ଓଡ଼ିଶାର ଭରସାଯୋଗ୍ୟ ଡାଏରି ବ୍ରାଣ୍ଡ ଓମଫେଡ୍ ଏବେ କ୍ଷୀର ଓ ଦୁଗ୍ଧଜାତ ପଦାର୍ଥରେ ସୀମିତ ରହିବ ନାହିଁ। ଖୁବଶୀଘ୍ର ରାଜ୍ୟ ବଜାରରେ ଓମଫେଡ୍‌ର ପ୍ୟାକେଜ୍ଡ ଡ୍ରିଙ୍କିଂ ୱାଟର ଓ ନୂଆ ରେଞ୍ଜର ଆଇସକ୍ରିମ୍ ଉପଲବ୍ଧ ହେବ। ଏନେଇ ସୋମବାର ଭୁବନେଶ୍ୱରରେ ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।ମନ୍ତ୍ରୀ କହିଛନ୍ତି, ଓମଫେଡ୍ ବୋର୍ଡର ଅନୁମୋଦନ ମିଳିବା ପରେ ଏହି ଦୁଇ ନୂଆ ପ୍ରଡକ୍ଟ ବଜାରକୁ ଆସିବ। ଏନେଇ ବୋର୍ଡ ସହ ଆଲୋଚନା ଚାଲିଥିବାବେଳେ ଚୂଡ଼ାନ୍ତ ମଞ୍ଜୁରି ପରେ ରାଜ୍ୟର ବିଭିନ୍ନ ଦୋକାନରେ ବିକ୍ରି ଆରମ୍ଭ ହେବ। ବର୍ତ୍ତମାନ ଓମଫେଡ୍ ଚକୋଲେଟ, ବଟରସ୍କଚ୍, ଷ୍ଟ୍ରବେରି, କେଶର ପିସ୍ତା, ଆମ୍ବ ଓ ଭାନିଲା ସ୍ୱାଦର ଆଇସକ୍ରିମ୍ କପ୍, ଷ୍ଟିକ୍, ଚକୋ ବାର୍ ଓ ଫ୍ୟାମିଲି ପ୍ୟାକ୍‌ରେ ବିକ୍ରି କରୁଛି। ନୂଆ ରେଞ୍ଜରେ ଆହୁରି ଅଧିକ ସ୍ୱାଦ ଓ ନୂଆ ଫର୍ମାଟ୍ ଯୋଡ଼ାଯିବ, ଯାହା ଅଧିକ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଲକ୍ଷ୍ୟ ରଖିଛି।ଅନ୍ୟପକ୍ଷେ, ପ୍ୟାକେଜ୍ଡ ପାଣି ଓମଫେଡ୍ ପାଇଁ ସମ୍ପୂର୍ଣ୍ଣ ନୂଆ ବ୍ୟବସାୟ କ୍ଷେତ୍ର। ଏହି ପ୍ରକଳ୍ପ ପାଇଁ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ରାଜ୍ୟର ବୋତଲ ପାଣି ବଜାରର ପ୍ରାୟ ୧୫ ପ୍ରତିଶତ ଅଂଶ ଦଖଲ କରିବାକୁ ଓମଫେଡ୍ ଲକ୍ଷ୍ୟ ରଖିଛି। ଏହି ସମ୍ପ୍ରସାରଣକୁ ସହାୟତା କରିବା ପାଇଁ କଟକ ଜିଲ୍ଲାର କେନ୍ଦୁପାଟଣାରେ ଏନଡିଡିବି ସହଯୋଗରେ ୫ ଟନ୍ ପ୍ରତିଦିନ କ୍ଷମତାସମ୍ପନ୍ନ ନୂଆ ଆଇସକ୍ରିମ୍ ପ୍ଲାଣ୍ଟ ସ୍ଥାପନ କାମ ଚାଲିଛି। ସେହିପରି ଆରିଲୋ ଡେୟାରିର ଆଇସକ୍ରିମ୍ ୟୁନିଟ୍ ଅପଗ୍ରେଡ୍ ସହ ଓମଫେଡ୍ ଚକୋଲେଟ ପ୍ରକଳ୍ପ ପାଇଁ ମଧ୍ୟ ଉଚକ ପ୍ରସ୍ତୁତ ହୋଇ ସରକାରୀ ଅନୁମୋଦନ ଅପେକ୍ଷାରେ ରହିଛି।ଦୁଗ୍ଧ ଚାଷୀଙ୍କୁ ମଧ୍ୟ ଏହାର ସିଧାସଳଖ ଲାଭ ମିଳିବ ବୋଲି କୁହାଯାଇଛି।




## ସ୍ନାଇପର ସହ ଭିଡିଓ: କନେଷ୍ଟବଳ ସସ୍‌ପେଣ୍ଡ

ଦିଲ୍ଲୀ, ୧୪।୯: ଦିଲ୍ଲୀ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ କଡ଼ା ସୁରକ୍ଷା ମଧ୍ୟରେ ବନ୍ଧୁକ ସହ ରିଲ୍ସ କରିବା ଦିଲ୍ଲୀ ପୁଲିସର ଦୀପକ ନାମକ ଜଣେ କନେଷ୍ଟବଳଙ୍କୁ ମହଙ୍ଗା ପଡ଼ିଛି । ତାଙ୍କୁ ପରିଶେଷରେ ସସପେଣ୍ଡ କରାଯାଇଛି। ସୋସିଆଲ୍ ମିଡିଆରେ ସ୍ନାଇପର ସହ ଭିଡିଓ କରିବା ଭାଇରାଲ୍ ହେବା ପରେ ଅନେକ ୟୁଜର ଅନ୍ତର୍ଜାତୀୟ ସ୍ତରର ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀର ସୁରକ୍ଷା ବ୍ୟବସ୍ଥା ଏବଂ ପୁଲିସକର୍ମୀଙ୍କର ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ କରିଥିଲେ । ଏହାପରେ ସଂପୃକ୍ତ କନେଷ୍ଟବଳଙ୍କୁ ବ୍ରିକ୍ସ ସୁରକ୍ଷା ଡ୍ୟୁଟିରୁ ହଟାଯାଇଥିବା ସହ ସସପେଣ୍ଡ କରାଯାଇଛି। ପୁଲିସ ଅନୁସାରେ, କନେଷ୍ଟବଳ ଜଣକ ଇନଷ୍ଟାଗ୍ରାମରେ ତାଙ୍କର ସ୍ନାଇପର ସଂପର୍କରେ ପୋଷ୍ଟ କରିଥିଲେ । ଏଥିସହ ସେ ବ୍ରିକ୍ସ ସମ୍ମିଳନୀ-୨୦୨୬ର ପରିଚୟପତ୍ର ପିନ୍ଧି ମୁତୟନ ହୋଇଥିବା ସୁରକ୍ଷା ପୋଷ୍ଟରୁ ଭିଡିଓ ରେକର୍ଡିଂ କରିଥିଲେ।




## ନୂଆଁଖାଇ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରିବାବୁ କମ୍ଭମପାଟି)

OIPR-15001/15001/2/26-27/0097

15001/97/2627



## ନୂଆଁଖାଇ ତିହାର୍ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର !

ପବିତ୍ର ନୂଆଁଖାଇ ତିହାରର ଉଧେ ସମକୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର ।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନୂଆଁଖାଇ ଜୁହାର





ନୂଆଖାଇ (ନୂଆଁଖାଇ ବା ନବାନ୍ନ ଭାବେ ମଧ ଜଣା) ଓଡ଼ିଶାର ପଶ୍ଚିମାଞ୍ଚଳର ଅନ୍ୟତମ ପାରମ୍ପରିକ ପର୍ବ । ନୂଆଖାଇ ଧାନ ଅମଳର ଖୁସିର ପାଳନ କରିବା ନିମନ୍ତେ କରାଯାଇଥାଏ । ପାଞ୍ଜି ଅନୁସାରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ (ଗଣେଶ ଚତୁର୍ଥୀର ପରଦିନ) ଏହା ପାଳିତ ହୋଇଥାଏ । ଏହି ଦିନ ପ୍ରତି ଗ୍ରାମର ପରିବାରମାନେ ନିଜ ନିଜ ଘରେ ଅକାଣ୍ଡିଆ ଚାଉଳର କ୍ଷୀରି ରାନ୍ଧିବା ସହ ଯୁଗ୍ମ ପରିବାରରେ ତଥା ସମଗ୍ର ଗ୍ରାମରେ ସାମୂହିକ ଭାବେ ମଧ ରାନ୍ଧିଥାନ୍ତି । ଏହି କ୍ଷୀରି 'ନବାନ୍ନ' ନାମରେ ଜଣା । ଗ୍ରାମର ଦେହୁରୀ ସେହି ନବାନ୍ନକୁ ପୂର୍ବଜମାନଙ୍କୁ ଅର୍ପଣ କରିଥାନ୍ତି ଆଉ ଭୋଗ ରୂପେ ସମସ୍ତଙ୍କୁ ବାଣ୍ଟିଥାନ୍ତି । ନୂଆଖାଇ ପାଳନ ପରଦିନ 'ନୂଆଖାଇ ବାସି' ପାଳନ ହୁଏ ଓ ଏହିଦିନ ବଳକା ନୂଆନ୍ନ, କ୍ଷୀରି-ପିଠା ଖିଆହୋଇଥାଏ । ବାସି ପରଦିନ 'ତିଆସି' ପାଳନ ହୁଏ ଓ ଏହିଦିନ ଗ୍ରାମବାସୀମାନେ ମାଂସ ସମେତ ବିଭିନ୍ନ ଖାଦ୍ୟ ଖିଆପିଆ ଓ ପାରମ୍ପରିକ ଖେଳ (ଯଥା: ଡୁଡୁ, ଖୋଖୋ, ବାଡ଼ି-ଖିଚା, କୁସ୍ତି) ଖେଳି ସମୟ ଅତିବାହିତ କରିଥାନ୍ତି ।



**ମା**ଟି ସହ ମଣିଷର ଚିରନ୍ତନ ସମ୍ପର୍କ। ନୂଆଁଖାଇର ସତ୍ୟ ଅର୍ଥ ହେଉଛି,ନୂଆ ଅନ୍ନ ସହ ନୂଆ ମନ,ନୂଆ ଚିନ୍ତା ଓ ନୂଆ ସମାଜର ସଂକଳ୍ପ। ପଶ୍ଚିମ ଓଡ଼ିଶାର ମାଟିରେ ନୂଆଁଖାଇ କେବଳ ଏକ ପର୍ବ ନୁହେଁ, ଏହା ଏକ ଜୀବନଦର୍ଶନ। ଏହା କେବଳ ନୂଆ ଧାନ ଖାଇବାର ପରମ୍ପରା ନୁହେଁ,ବରଂ ମାଟି,ମଣିଷ ଓ ମା ପାଟଣେଶ୍ୱରୀ,ମା ସମଲେଶ୍ୱରୀଙ୍କ ମଧ୍ୟରେ ଥିବା ଏକ ଚିରନ୍ତନ ଆତ୍ମିକ ସମ୍ପର୍କର ପ୍ରକାଶ। ବର୍ଷସାରା ଚାଷୀ ଯେଉଁ ମାଟିକୁ ନିଜ ରକ୍ତ,ଝାଳ ଓ ପରିଶ୍ରମରେ ସିଞ୍ଚିଥାଏ,ନୂଆଁଖାଇ ଦିନ ସେହି ମାଟିର ପ୍ରଥମ ଫସଲକୁ ଦେବତାଙ୍କ ନିକଟରେ ସମର୍ପଣ କରେ। ନିଜେ ଖାଇବା ପୂର୍ବରୁ ଈଶ୍ୱରଙ୍କୁ ଅର୍ପଣ,ଏହି ପରମ୍ପରା ଭିତରେ ଲୁଚିଛି କୃତଜ୍ଞତାର ଏକ ମହାନ ସଂସ୍କାର।ମଣିଷ ବୁଝିଥାଏ,ଅନ୍ନ କେବଳ ବଜାରରେ କିଣାଯାଏ ନାହିଁ,ତା' ପଛରେ ରହିଛି ମାଟିର ଦାନ,ପ୍ରକୃତିର କୃପା ଓ ଚାଷୀର ଅସୀମ ପରିଶ୍ରମ। ନୂଆଁଖାଇର ସବୁଠାରୁ ବଡ଼ ସନ୍ଦେଶ ହେଉଛି,'ମୁଁ' ନୁହେଁ, 'ଆମେ'। ଏହି ଦିନ ମନର ଅଭିମାନ ଭୁଲି ପରିବାର ଏକାଠି ହୁଏ। ବଡ଼ମାନଙ୍କୁ ଜୁହାର କରି ଆଶୀର୍ବାଦ ନିଆଯାଏ।ଦୂରେ ଥିବା ଲୋକ ଘରକୁ ଫେରେ। ଆତ୍ମୀୟ,ବନ୍ଧୁ ଓ ପରିଜନଙ୍କ ମଧ୍ୟରେ ଶୁଭେଚ୍ଛା ବିନିମୟ ହୁଏ।ଦୀର୍ଘଦିନର ମନୋମାଳିନ୍ୟକୁ ପଛରେ ପକାଇ ନୂଆ ସମ୍ପର୍କର ଆରମ୍ଭ ହୁଏ। ସେଥିପାଇଁ ନୂଆଁଖାଇର ଅନ୍ୟ ଏକ ଅର୍ଥ ହେଉଛି,ନୂଆ ଭାବନା, ନୂଆ ସମ୍ପର୍କ ଓ ନୂଆ ସଂକଳ୍ପ। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ପର୍ବପର୍ବାଣିର ଚିତ୍ର ମଧ ବଦଳିଛି।ଗାଁର ଅଗଣାରୁ ସହରର ଆପାର୍ଟମେଣ୍ଟ,ପଶ୍ଚିମ ଓଡ଼ିଶାରୁ ଦେଶ-ବିଦେଶର ବିଭିନ୍ନ ସହର,ସବୁଠାରେ ନୂଆଁଖାଇର ଉତ୍ସାହ ଦେଖାଯାଉଛି। ପ୍ରବାସୀ ଓଡ଼ିଆମାନେ ମଧ ନିଜ ମାଟିର ସ୍ମୃତିକୁ ନେଇ ନୂଆଁଖାଇ ପାଳନ କରୁଛନ୍ତି। ଏହା ନିଶ୍ଚିତ ଭାବେ ଗର୍ବର ବିଷୟ। କିନ୍ତୁ ଏହି ଉତ୍ସବର ଚମକ ଭିତରେ ଆମେ ନୂଆଁଖାଇର ମୂଳ ଆତ୍ମାକୁ ହରାଇ ନ ଦେବା ଦରକାର। ନୂଆଁଖାଇ ଯଦି ଚାଷୀର ପରିଶ୍ରମକୁ ସମ୍ମାନ କରିବାର ପର୍ବ, ତେବେ ଚାଷୀର ଜୀବନ କେତେ ସୁରକ୍ଷିତ,ଏହା ମଧ ଆମର ପ୍ରଶ୍ନ ହେବା ଉଚିତ। ଧାନ ଉତ୍ପାଦନ କରୁଥିବା ଚାଷୀ ନିଜ ଉତ୍ପାଦର ଯଥୋଚିତ ମୂଲ୍ୟ ପାଉଛି କି ? କୃଷି ଆଜି ଯୁବପିଢ଼ି ପାଇଁ ସମ୍ମାନଜନକ ଓ ନିରାପଦ ଜୀବିକା ହୋଇପାରିଛି କି ?ଜଳବାୟୁ ପରିବର୍ତ୍ତନ,ଅନିୟମିତ ବର୍ଷା ଓ ଜଳସଙ୍କଟ ମଧ୍ୟରେ ଆମ କୃଷି କେତେ ସୁରକ୍ଷିତ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ବିନା ନୂଆଁଖାଇର ଉତ୍ସବ ଅଧୁରା। ଆଜି ଆମେ ନୂଆ। ଧାନରେ ଦେବତାଙ୍କୁ ଭୋଗ ଲଗାଉଛୁ,କିନ୍ତୁ ସେହି ଧାନ ପଛରେ ଥିବା ଚାଷୀର ଘରେ ଯଦି ଆର୍ଥିକ ଅନିଶ୍ଚିତତା ରହିଯାଏ,ତେବେ ଆମର ଉତ୍ସବର ଆତ୍ମାକୁ ନେଇ ଆତ୍ମସମୀକ୍ଷା ଆବଶ୍ୟକ। ନୂଆଁଖାଇ ଆମକୁ ଆଉ ଏକ ମହତ୍ତ୍ୱପୂର୍ଣ୍ଣ କଥା ଶିଖାଏ,ମାଟିକୁ ଭଲପାଇବା। ମାଟି କେବଳ ଜମି ନୁହେଁ। ଏହା ଆମର ପରିଚୟ। ଏହା ଆମର ଭାଷା, ସଂସ୍କୃତି, ଲୋକଗୀତ, ଲୋକନୃତ୍ୟ, ପରମ୍ପରା ଓ ସ୍ମୃତିର ମୂଳ। ତେଣୁ ବିକାଶର ନାମରେ ଯେତେବେଳେ ମାଟି, ଜଳ, ଜଙ୍ଗଲ ଓ ପ୍ରକୃତି ଉପରେ ଚାପ ବଢ଼ୁଛି,ନୂଆଁଖାଇ ଆମକୁ ନିଜ ମୂଳକୁ ଥରେ ପଛକୁ ଚାହିଁବାକୁ ବାଧ କରେ। ପର୍ବର ଅର୍ଥ କେବଳ ନୂଆ ପୋଷାକ, ନୂଆ ଖାଦ୍ୟ ଓ ଉତ୍ସବ ନୁହେଁ। ପର୍ବ ହେଉଛି ନିଜକୁ ନୂଆ କରିବାର ଏକ ସୁଯୋଗ। ଏହି ନୂଆଁଖାଇରେ ଆମେ କେବଳ ନୂଆ ଅନ୍ନ ନ ଖାଇ, ନୂଆ ଚିନ୍ତା ମଧ ଗ୍ରହଣ କରିବା।ଜାତି, ଧର୍ମ,ଦଳ ଓ ମତର ସୀମା ଉପରକୁ ଉଠି ମଣିଷକୁ ମଣିଷ ଭାବେ ସମ୍ମାନ କରିବା।ଚାଷୀର ଘରର ହସକୁ ନିଜ ଉତ୍ସବର ଅଂଶ କରିବା।ପ୍ରକୃତିକୁ ସୁରକ୍ଷା ଦେବା।ନିଜ ଭାଷା ଓ ସଂସ୍କୃତିକୁ ପରବର୍ତ୍ତୀ ପିଢ଼ିକୁ ଗର୍ବର ସହ ହସ୍ତାନ୍ତର କରିବା। କାରଣ ନୂଆଁଖାଇ କେବଳ ପଶ୍ଚିମ ଓଡ଼ିଶାର ଏକ ପର୍ବ ନୁହେଁ; ଏହା ମାଟି ପ୍ରତି କୃତଜ୍ଞତା,ଅନ୍ନ ପ୍ରତି ସମ୍ମାନ ଓ ମଣିଷ ମଧ୍ୟରେ ମଣିଷତ୍ୱର ଉତ୍ସବ। ନୂଆଁ ଅନ୍ନ ଆମ ଥାଳିକୁ ଆସିବା ପୂର୍ବରୁ ଯେତେ ହାତ ମାଟିକୁ ଛୁଇଁଛି,ନୂଆଁଖାଇ ସେହି ସବୁ ହାତକୁ ଜୁହାର କରିବାର ଦିନ। ନୂଆଁଖାଇର ସତ୍ୟ ଅର୍ଥ ହେଉଛି,ନୂଆ ଅନ୍ନ ସହ ନୂଆ ମନ,ନୂଆ ଚିନ୍ତା ଓ ନୂଆ ସମାଜର ସଂକଳ୍ପ।

*-ଋତୁରାଜ ସିଂହ, ସାମ୍ବାଦିକ, ବଲାଙ୍ଗୀର*









## ଚୌହାନ ରାଜବଂଶରୁ ଆରମ୍ଭ

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ପାରସ୍ପରିକ ମନୋମାଳିନ୍ୟ,ଈର୍ଷା, ହିଂସା ,ଶତ୍ରୁତା ଓ ଅସହଯୋଗ ଏହା ଦୂର କରିଥାଏ। ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭକରିବାର ଅନୁମାନ କରାଏ। ସେହିପରି ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ । ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ । କୁହାଯାଇଛି , କର୍ମରୁ ଯଜ୍ଞ , ଯଜ୍ଞ ରୁ ବୃଷ୍ଟି , ବୃଷ୍ଟି ରୁ ଶସ୍ୟ ବା ଧାନ , ଧାନରୁ ଅନ୍ନର ସୃଷ୍ଟି ଓ ଅନ୍ନରୁ ଜୀବ ସୃଷ୍ଟି। ତେଣୁ କୁହା ଯାଇଛି " ଅନ୍ନ ବିହୁନେ ହଂସହାନି , ଯୋଗ ସାଧିବୁ କାହା ଘେନି'' । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ। ଗୃହକର୍ତ୍ତା ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କ ଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ। ଓଡ଼ିଶାରେ ଅଧିକାଂଶ ଅଞ୍ଚଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି । ନୂଆଖାଇ କୃଷିଭିତ୍ତିକ ପର୍ବ , ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା , ସଂସ୍କୃତିର ବାର୍ତ୍ତା ଓ ଧାର୍ମିକ ବିଶ୍ୱାସର ପ୍ରତୀକ।

**କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ-**

*ଆମିଲ୍ ମହୁର୍ ନୂଆଁ ଧାନ୍*
*ଖିରି ପିଠା ମଡ଼ା ଲଖିମି ଠାନେ ଲାଗ୍‌ବା ପୂଜା*
*ପିଟ୍‌ମା ତିନେ ଡ଼ଁଡ଼ା*
*ଗାଁ ମୁଡ଼୍‌ସା ସମଲେଇ ନ*
*ସଁହରା ପିଲା ଗୁମ୍‌ଲେଇ ନ ଲଗାଲାନ ନୂଆଁ*
*ଫୁଲ୍ ଚଂଦନ ଦିଅବୋ ପିଲେ*
*ନଁଗଲ୍ ପଟା ଦୁଆଁ*
*ଆସବୋ ପିଲେ ଖାଏମା*
*ଆଜି ନୂଆଁ*
*ବଛର୍‌କେ ଥରେ ଆଏସି*
*ପରେ ଯିଏ ଯେନ ଥଅ*
*ଘରେ ପରେ ଆସ ଆସ ଭାଇ ଆଜିର ନୂଆଖାଇ ।*

*-ଅକ୍ଷୟ କୁମାର ରାଉତ*
*ମୋ-୯୯୩୭୬୯୧୪୭୫.*



**ପ**ଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ପ୍ରତିବର୍ଷ କୃଷ୍ଣ ଜନ୍ମାଷ୍ଟମୀ ପରଦିନ ଅର୍ଥାତ୍ ନନ୍ଦୋତ୍ସବ ଦିନରୁ ପରମ୍ପରା ଅନୁଯାୟୀ ସମ୍ବଲପୁରଠାରେ ବିରାଜିତ ପଶ୍ଚିମ ଓଡ଼ିଶାର ଆରାଧ ଦେବୀ ମା'ସମଲେଶ୍ୱରୀଙ୍କ ପୀଠରେ ନବାନ୍ନ ଲାଗି ଲଗ୍ନ ନିରୂପଣ କରାଯାଏ।

## ଗଣପର୍ବ ନୂଆଁଖାଇ



ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାରେ ସ୍ୱତନ୍ତ୍ର ବୈଠକରେ ସମ୍ବଲପୁର ଝାଡୁଆପଡ଼ାର ବ୍ରହ୍ମପୁରା ମନ୍ଦିରରେ ଶାସ୍ତ୍ରଜ୍ଞ ପଣ୍ଡିତମାନେ ଏକାଠି ହୋଇ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରିଥାନ୍ତି। ଭାରତର ପ୍ରାୟ ସବୁ ଅଞ୍ଚଳରେ ଶସ୍ୟ ଏବଂ ନୂତନ ଅନ୍ନ ପୂଜା ପ୍ରଚଳିତ। ପଶ୍ଚିମ ଓଡ଼ିଶାରେ ଭାଦ୍ରପଦ ମାସରେ ପାଳିତ ନବାନ୍ନ ଭକ୍ଷଣ ଉତ୍ସବ ହେଉଛି 'ନୂଆଁଖାଇ'। ଏହି ମାସରେ ବେଦ ବର୍ଣ୍ଣିତ ପ୍ରଲବନ ଯଜ୍ଞ ବା ଧାନ କଟା ଆରମ୍ଭ ହୋଇ ନଥାଏ। ଶସ୍ୟ କେବଳ କଅଁଳିବା ଆରମ୍ଭ ହୋଇଥାଏ। ତାହା ହେଲେ ଏହି ସମୟରେ ନୂଆଁଖାଇ କାହିଁକି ? କୃଷକର ଶ୍ରମର ଫଳ ଧାନ, ପକ୍ୱ ହୋଇ ପକ୍ଷୀ ଆଦିଙ୍କ ଉଚ୍ଛିଷ୍ଟ ହେବା ପୂର୍ବରୁ ଭଗବାନଙ୍କ ନିକଟରେ ଅର୍ପଣ କରାଯିବା ଉଚିତ। ଏ ଭଳି ଚିନ୍ତା କରି ପଶ୍ଚିମ ଓଡ଼ିଶାବାସୀ ଭାଦ୍ରବରେ ନବାନ୍ନ ପୂଜା ଆରମ୍ଭ କରିଥିବା ବିଶ୍ୱାସ କରାଯାଏ। ମତାନ୍ତରେ ପଶ୍ଚିମ ଓଡ଼ିଶାରେ ମାଟିର ଉର୍ବରତା ଓ ଜଳବାୟୁ ଯୋଗୁଁ ଭାଦ୍ରବ ମାସରେ ମାଲ୍‌ଧାନ ହୋଇଯାଉଥିଲା। ତେଣୁ ନବାନ୍ନ ପୂଜା ଆରମ୍ଭ ହୋଇଥିଲା। ନୂଆଁଖାଇ ଭାଇଚାରା, ସୌହାର୍ଦ୍ଦ୍ୟର ପର୍ବ। ଏହା ପୁରୁଣା କାଳରୁ ଗଡ଼ିଆସିଥିବା ଏକ ସାମାଜିକ ପରମ୍ପରା। ଏହି ଦିନରେ ସମସ୍ତେ, ସମସ୍ତ ରାଗ ଅଭିମାନ ଛାଡ଼ି, ପରସ୍ପରକୁ ଜୁହାର କରନ୍ତି ଏବଂ ଜିଇ ଜାଗିଥିଲେ ବରଷେ ବା ବଞ୍ଚିଥିଲେ ଆସନ୍ତା ବର୍ଷ ଏକାଠି ହେବା କହି ଉତ୍ସବ ପାଳନ କରନ୍ତି। ପୂର୍ବ ଦିନ ସଂଗ୍ରହ କରାଯାଇଥିବା ନୂଆ ଧାନକୁ ପିଠା-ପଣା, ଖିରି-ଖେଚୁଡ଼ି ସହ ଘରର ଇଷ୍ଟଦେବ ଓ ମହାଲକ୍ଷ୍ମୀଙ୍କ ପାଖରେ ଭୋଗ ଲଗାଯାଏ। ସମସ୍ତେ ଏକତ୍ର ପ୍ରସାଦ ସେବନ କରନ୍ତି। ବନ୍ଧୁ ବାନ୍ଧବଙ୍କୁ ଭେଟିବାକୁ ଯାଆନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ ମା' ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ହେବା ପରେ ମନ୍ଦିରର ପାର୍ଶ୍ୱ ଦେବାଦେବୀଙ୍କ ଠାରେ ନବାନ୍ନ ଲାଗି ହୋଇଥାଏ। ଏହାପରେ ପ୍ରତ୍ୟେକ ଘରର ଇଷ୍ଟ ଦେବୀ ବା କୁଳଦେବୀଙ୍କୁ ନବାନ୍ନ ଲାଗି ପରେ ପରିବାରର ସବୁଠୁ ବୟୋଜ୍ୟେଷ୍ଠ ବା ପୁରୁଖାଙ୍କ ହାତରୁ ଅନ୍ୟ ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥାନ୍ତି। ନୂଆ ଲୁଗା ପିନ୍ଧି ସାନମାନେ ବଡ଼ମାନଙ୍କୁ ନୂଆଁଖାଇ ଜୁହାର କରିଥାନ୍ତି। ଏହି ଦିନ ଘରର ସମସ୍ତ ଏକାଠି ବସି ନୂଆ ଖାଇଥାନ୍ତି। ଖିରି, ପୁରୀ, ପିଠା ଆଦି ସୁସ୍ୱାଦୁ ଭୋଜନରେ ଘର ଭାସିଉଠେ। ଏହି ଜୁହାର ଭେଟର ପରମ୍ପରାରେ ପରସ୍ପର ମଧ୍ୟରେ ଥିବା ବହୁଦିନର ମନୋମାଳିନ୍ୟ ଦୂର ମଧ ହୋଇଥାଏ। ସନ୍ଧ୍ୟାପରେ ମଠ, ମନ୍ଦିର, ଟୁଙ୍ଗୀରେ ଭଜନ, କୀର୍ତ୍ତନ, ଭାଗବତପାଠ, ନାଚଗୀତ ଆଦି ହୋଇଥାଏ। ପ୍ରଥା ରହିଛି ଯେ ଏହି ଦିନରେ ଘରର ଯେଉଁ ସଦସ୍ୟ ନୂଆ ଯିଏ ନ ଖାଇଥିବ ସେ ବର୍ଷଯାକ ହାଣ୍ଡିଶାଳକୁ ପ୍ରବେଶ କରିପାରିବ ନାହିଁ। ବିଦେଶରେ ରହୁଥିବା ପରିବାରର ସଦସ୍ୟଙ୍କ ପାଇଁ ନୂଆ ଅନ୍ନ ସାଇତା ହୋଇ ରଖାଯାଇଥାଏ। ସେ ଯେବେ ବି ଘରକୁ ଫେରିବ, ନୂଆ ଖାଇବ। ପଶ୍ଚିମ ଓଡ଼ିଶାର ଏହି ଗଣପର୍ବ ଆଜି ଓଡ଼ିଶାର ପ୍ରତ୍ୟେକ ଜନମାନସକୁ ପ୍ରଭାବିତ କରିଛି। ଏବେ ଓଡ଼ିଶାର ସବୁଠି ନୂଆଁଖାଇ ପର୍ବର ଝଲକ ଦେଖିବାକୁ ମିଳୁଛି। ଅନ୍ୟ ଜିଲ୍ଲାରେ ବସବାସ କରୁଥିବା ପଶ୍ଚିମ ଓଡ଼ିଶାର ଲୋକେ ଏକାଠି ହୋଇ ନୂଆଁଖାଇ ପର୍ବ ପାଳନ କରୁଛନ୍ତି।

*-ପୁଷ୍ପମିତ୍ର ମହାପାତ୍ର*
*ମୋ : ୯୪୩୭୨୨୫୬୮୯*



## ନୂଆଖାଇ ବିଧି

**ପାଳନ:** ଏହା ନୂଆଁଖାଇ ପରବ ନାମରେ ଜଣାଶୁଣା । ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବାପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ଏହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ ପରେ ସହଳ ଆମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀ ପ୍ରଥମକରି ଆମଳକ୍ଷମ ଧାନକୁ ଇଷ୍ଟଦେବୀଙ୍କଠାରେ ସମର୍ପଣ କରିବା ହିଁ ନବାନ୍ନ ଭକ୍ଷଣ । ଏହାକୁ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଭାଷାରେ ନୂଆଁଖାଇ କୁହାଯାଏ । ନୂଆଖାଇ ପାଳନ ନିମନ୍ତେ ଆଗରୁ 'ଲଗନ' ବା 'ତିଥି' ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରାଯାଇଥାଏ । **ସାମାଜିକ ଏକତା:** ନୂଆଖାଇ ଏକ ଗଣପର୍ବ । ଗ୍ରାମ ବା ସହରର ପଡ଼ା ଅଞ୍ଚଳରେ ନୂଆଖାଇ ଦିନ ନବାନ୍ନ ଦେଇ ପୂଜା ବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରନ୍ତି । ତାହା ଖାଇ ସାରି ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି । ପରେ ପିଠା ପଣା ସହ ନବାନ୍ନ ଭୋଜି ଖାଇ ସାରି ଗ୍ରାମ ବା ପଡ଼ୋଶୀରେ ଥିବା ସମସ୍ତ ବୟୋଜ୍ୟେଷ୍ଠ ମାନଙ୍କୁ ଭେଟି ପ୍ରଣାମ କରିଥାନ୍ତି । ଏହି ସମୟରେ ଗ୍ରାମ ବା ପଡ଼ାର ଲୋକମାନେ ନିଜ ଭିତରେ ପୂର୍ବରୁ ଥିବା ଭେଦଭାବ ଭୁଲି ଯାଆନ୍ତି । ପରିବାରମଧ୍ୟରେ ଥିବା ମତଭେଦ ମଧ ଏହି ସମୟରେ ସମାଧାନ ହୋଇଥାଏ । ସମସ୍ତେ ପୁଣି ଏକଜୁଟ ହୋଇ ରହନ୍ତି । ଏହା ନୂଆଖାଇ ପର୍ବର ଏକ ବିଶେଷତା । **ଦଶହରା ସମୟରେ ନବାନ୍ନ:** ପୂରା କାଳରୁ ନବାନ୍ନ ସମୟରେ ପରିବାରର ସମସ୍ତେ ଏକାଠି ନବାନ୍ନ ଗ୍ରହଣର ପରମ୍ପରା ଥିଲା । ତେଣୁ ନବାନ୍ନ ଆଗରୁ ଯେଉଁ ଯେଉଁଠି ରହୁଥିଲେ ମଧ ନବାନ୍ନ ସମୟ ଆଗରୁ ନିଜ ପୈତୃକ ଗୃହକୁ ଆସୁଥିଲେ । ଆଗ କାଳରେ ପୁଅ ଝିଅମାନେ ପ୍ରାୟତଃ ବେଶି ଦୂରରେ ରହୁନଥିବାରୁ ଏହା ସମ୍ଭବ ହୋଇ ପାରୁଥିଲା । କିନ୍ତୁ ଏବେ ଯୁଗର ପରିବର୍ତ୍ତନ ସହ ଅନେକ ଘରେ ପୁଅ, ବୋହୂ, ଝିଅମାନେ ବହୁ ଦୂରଦୂରାନ୍ତରେ ନିଜର ଜୀବିକା ସ୍ଥଳୀରେ ରହିଥାନ୍ତି । ତେଣୁ ଅନେକ କ୍ଷେତ୍ରରେ ନବାନ୍ନ ସମୟରେ ସେମାନେ ପୈତୃକ ଗ୍ରାମ ବା ଗୃହକୁ ଆସିବା ସମ୍ଭବ ହୋଇ ନ ଥାଏ । ତେଣୁ ଏକ ପରମ୍ପରା ଅନୁସାରେ ସେହି କ୍ଷେତ୍ରରେ ସେହି ପରିବାର ଦଶହରାର ଅଷ୍ଟମୀ ତିଥିରେ ନବାନ୍ନ ଯଥାରୀତି ପାଳନ କରନ୍ତି । **ନୂଆଖାଇବାର ଲଗ୍ନ:** ଆଗକାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ । ରାଜାରାଜୁଡ଼ା ଶାସନ ପରେ ମଧ ରାଜାଙ୍କ ଇଷ୍ଟଦେବୀଙ୍କ ନାମ ଅନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ, ତେଣୁ ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନ ହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳିତ ହେଉଥିଲା । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ସାରା ଓଡ଼ିଶା ସରକାରୀ ଛୁଟି କରିବା ପାଇଁ ମଧ ଘୋଷଣା କରିଥିଲେ । ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁମହଲରେ ଚିନ୍ତାକରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ ଋଷି ପଞ୍ଚମୀ ଦିନଟି ସ୍ଥିର କରାଗଲା । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି । କଳାହାଣ୍ଡି ଜିଲ୍ଲାର ଅନେକ ଅଞ୍ଚଳରେ ଏହା ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ପାଳନ କରାଯାଇଥାଏ । ପୂର୍ବାଞ୍ଚଳରେ ଏହା ଆଶ୍ୱିନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ ହେବାର ବିଧାନ ରହିଛି । କାରଣ ଏହି ନବାନ୍ନ ପିତୃପୁରୁଷଙ୍କ ପିଣ୍ଡଦାନରେ ବ୍ୟବହୃତ ହୋଇଥାଏ । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷ (ମହାଳୟା) ପରଠାରୁ ଶ୍ରାଦ୍ଧ ଦେବାର ବ୍ୟବସ୍ଥା ଅଛି । **ଓଡ଼ିଶାର ପଶ୍ଚିମାଞ୍ଚଳ:** ଏହା ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାସମୂହରେ ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକ ନବାନ୍ନ ଦିନ ଘରେ ଉପସ୍ଥିତ ହେବାକୁ ଚେଷ୍ଟା କରିଥାନ୍ତି, ଯେଉଁମାନେ ନିଜ ଭିଟାମାଟିକୁ ଆସି ନ ପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରିଥାନ୍ତି । ବିଶେଷକରି ଗୁଜରାଟର ସୁରତ, ଛତିଶଗଡ଼ର ରାୟପୁର, ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ ଆଦି ସହରରେ ଏହା ପାଳନ କରାଯାଇଥାଏ । **ପାଳନ ବିଧି:** ଏହି ଦିନଟିର ଅମୃତବେଳା ବା ଶୁଭବେଳା ଜ୍ୟୋତିଷମାନଙ୍କଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆଭାବରେ ଅମଳ କରାଯାଇଥିବା ଷାଠିଆଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଭକ୍ଷଣ କରିଥାନ୍ତି । ନୂଆଧାନରୁ ପ୍ରସ୍ତୁତ ଚୁଡ଼ା, ଭାତ, କ୍ଷୀରି, ମଣ୍ଡାପିଠା ।

# ଇନ୍‌ଡ଼ୋର ଷ୍ଟାଡ଼ିୟମ୍‌ରୁ ଫେବର ବ୍ଲକ୍ ଉଠି ଗର୍ତ୍ତ ସୃଷ୍ଟି

ନିମାପଡ଼ା,(ନି.ପ୍ର.): ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡ଼ୋର ଷ୍ଟାଡ଼ିୟମ୍‌ରେ ବ୍ୟାଡ଼ମିଂଟନ କୋର୍ଟ ସମେତ ବ୍ୟାୟାମ ଶାଳା ସୁବିଧା ଥିବାରୁ ଅନେକ ଛାତ୍ରଛାତ୍ରୀ, ଯୁବକ, ଯୁବତୀ ପ୍ରତ୍ୟେହ ଷ୍ଟାଡ଼ିୟମ୍ ଆସି ଏହାର ସୁବିଧା ନେଇଛନ୍ତି। ଟେବୁଲ ଟେନିସ୍, ଯୋଗ, ଆଧାତ୍ମିକ ପ୍ରଶିକ୍ଷଣ କେନ୍ଦ୍ର, ଧ୍ୟାନ ବ୍ୟବସ୍ଥା ପାଇଁ ଦାବି ହୋଇଛି । ଏଠାରେ ୯ରୁ ୧୮ ବର୍ଷ ବାଳକ ବାଳିକା ମାଗଣାରେ ପ୍ରଶିକ୍ଷଣ ନେଇ ଜାତୀୟ ସ୍ତରରେ ଖେଳିବା ପାଇଁ ସୁଯୋଗ ଲାଭ କରି ଫେରିଛନ୍ତି। ଜିଲ୍ଲା କ୍ରୀଡ଼ା ବିଭାଗ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଷ୍ଟାଡ଼ିୟମ୍ ପରିଚାଳିତ ହେଉଥିବା ବେଳେ ବ୍ୟାଡ଼ ମିଂଟନ, ଚେସ୍, କ୍ୟାରମ୍ ଖେଳ ବ୍ୟବସ୍ଥା କରି ପ୍ରଶିକ୍ଷକ ଦେବା ପାଇଁ ଛାତ୍ରଛାତ୍ରୀମାନେ ପ୍ରସ୍ତାବ ଦେଇଛନ୍ତି । ଦୈନିକ ୫୦-୬୦ ଯୁବକ, ଯୁବତୀ ଷ୍ଟାଡ଼ିୟମ୍ ଆସି ବିଭିନ୍ନ ଖେଳ ସହ ବ୍ୟାୟାମ, ମର୍ଣ୍ଣିଂ ୱାକ୍ ଆଦିରେ ଅଂଶଗ୍ରହଣ କରୁଥିବା ଦେଖିବାକୁ ମିଳିଛି । ଷ୍ଟାଡ଼ିୟମ୍ ନିର୍ମାଣ ସମୟରେ ଯେଉଁ ଫେବର ବ୍ଲକ୍ ପଡ଼ିଥିଲା ତାହା ବିଭିନ୍ନ ସ୍ଥାନରେ ଦବି ଯାଇ ଗର୍ତ୍ତ ସୃଷ୍ଟି କରିଛି । ଯାହା ଫଳରେ ପଥଚାରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି । ଷ୍ଟାଡ଼ିୟମ୍ ଇନ୍‌ଚାର୍ଜ/ପ୍ରଶିକ୍ଷକ ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳି ନଥିବା ଇନ୍‌ଡ଼ୋର ଷ୍ଟାଡ଼ିୟମ୍ ସୂତ୍ରରୁ ପ୍ରକାଶ ।

# ବିଘ୍ନ ବିନାଶକଙ୍କ ପୂଜା: କମ୍ପୁଛି ଶିକ୍ଷାନୁଷ୍ଠାନଠୁ ପୁରପଲ୍ଲୀ



**ବେଲଗୁଣ୍ଠା,:** ବିଘ୍ନବିନାଶକ ତଥା ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାକୁ ନେଇ ବେଲଗୁଣ୍ଠା ସହର ଓ ଏହାର ଆଖପାଖ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନ ଓ ଯୁବକ ସଂଘ ପକ୍ଷରୁ ଆକର୍ଷଣୀୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ସୁଉଚ୍ଚ ତୋରଣ, ରଙ୍ଗିନ ଆଲୋକମାଳା ଓ ଆକର୍ଷଣୀୟ ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରୁଛି। ସହରର କଳିଙ୍ଗ ବୈଶ୍ୟ ଉଭୟ ଯୁବକ ସଂଘ, ଗୋଲା ସାହି, ରେଡ଼ି ସାହିର ମା' ଝିକର ଦେବୀ ଯୁବ ଗୋଷ୍ଠୀ, କେଉଟ ସାହି, କୋଳି ସାହିର ଏମ୍‌ବିଡି କ୍ଲବ୍, ଗୋପୀନାଥ ସାହିର ଦି ରୟାଲ ଗ୍ୟାଙ୍ଗ, ଜଗନ୍ନାଥପ୍ରସାଦ ରୋଡ୍‌ର ବିଘ୍ନେଶ ୟୁଥ୍ କ୍ଲବ୍, ଆଳିଆ ସାହି, ଶୁଣ୍ଡି ସାହି ,ଚଷା ସାହି, ଲକ୍ଷ୍ମୀ ବଜାର ଓ ତୁଳସୀ ନଗରରେ ମଧ୍ୟ ଗଣେଶ ପୂଜାକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି। ସେହିପରି 'ଅନ୍‌ଷ୍ଟପେବଲ ବୟେସ୍-୨୦୨୨', ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର, ସାର୍ପ ଏଜୁକେସନ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟା ଭବନ, କଂସାରି ସାହିର ବ୍ରାଇଟ୍ ଏଜୁକେସନ୍ କୋଚିଂ ସେଣ୍ଟର ଓ ମଙ୍ଗଳପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମଧ୍ୟ ଶ୍ରଦ୍ଧା ଓ ଭକ୍ତିର ସହ ଗଣେଶ ପୂଜା ପାଳନ କରାଯାଉଛି। ନେଟେଙ୍ଗା ନିକଟସ୍ଥ ରତନପୁର ଓ ଗୋବରା-ବାସୁଦେବପୁର ଅଞ୍ଚଳରେ ମଧ୍ୟ ପୂଜା ପାଇଁ ପ୍ରସ୍ତୁତି ଓ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ବିଭିନ୍ନ ପୂଜା ମଣ୍ଡପରେ ୧୦୮ ଆଳତି, ଭଜନ ସମାରୋହ ଓ ପ୍ରସାଦ ସେବନର ଆୟୋଜନ କରାଯାଇଛି।




ସାଲେପୁର: ସାଲେପୁର ବ୍ଲକ୍ ଅଞ୍ଚଳରେ ବିଘ୍ନରାଜ ବିନାୟକଙ୍କ ପୂଜା ଅବସରରେ ବିଭିନ୍ନ ସ୍ଥାନରେ ସୁଦୃଶ୍ୟ ଗଜାନନଙ୍କ ପ୍ରତିମୂର୍ତ୍ତି ତିଆରି କରାଯାଇ ଯାକଜକମରେ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ବ୍ଲକ୍ ଅଞ୍ଚଳର ତେନ୍ତୋଳ ପଞ୍ଚାୟତର ପାଟପୁର ଗ୍ରାମରେ ଥାନପତି ଗଣେଶ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ସାଲେପୁର ସହରସ୍ଥିତ ରୋଧପୁର ଇଲେଭେନ୍ ଷ୍ଟାର କ୍ଲବ୍, ରୋଧପୁର ଶାରଳା କ୍ଲବ୍‌ର ରୁଦ୍ର ଅବତାର ଗଣେଶ, ମା'ସାହେଶ୍ୱରୀ କ୍ଲବ୍‌ର ଶ୍ରୀଗଣେଶ, ଶ୍ରୀଅରବିନ୍ଦ ମାର୍ଗରେ ଶ୍ରୀଗଣେଶ ପୂଜା, ଚିତ୍ରେଶ୍ୱରୀ, ଭାନେଶ୍ୱରୀ କ୍ଲବ୍, ମାଛୁଆଡି ସତ୍ୟନାରାୟଣ କ୍ଲବ୍, ବଟେଶ୍ୱର ସତ୍ୟନାରାୟଣ କ୍ଲବ୍, ରାଇସୁଙ୍ଗୁଡ଼ା ନେତାଜୀ ସଂଗ୍ରାମ କ୍ଲବ୍ ସମେତ ପଦ୍ମପୁର ଅଞ୍ଚଳରେ ସୁଦୃଶ୍ୟ ଗଣେଶଙ୍କ ପ୍ରତିମୂର୍ତ୍ତି ତିଆରି କରାଯାଇ ବିଭିନ୍ନ ଆଲୋକମାଳାରେ ଅଞ୍ଚଳକୁ ସଜ୍ଜିତ କରାଯାଇଛି। ଏହି ଗଣେଶ ପୂଜା ଦେଖିବାପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କର ଭିଡ଼ ହୋଇଥିବା ଦେଖିବାକୁ ମିଳିଛି।

କଟକ: ଆଜି ପବିତ୍ର ଶ୍ରୀଗଣେଶ ଚତୁର୍ଥୀ। ଧରାପୃଷ୍ଠରେ ଅବତରଣ କରିଛନ୍ତି ଗଜାନନ। ଚଳଚଞ୍ଚଳ ପୁରପଲ୍ଲୀ। ସବୁଠି ଚାଲିଛି ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା। ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଉଲ୍ଲାସର ସହ ପାଳିତ ହେଉଛି ବିଘ୍ନବିନାଶକ ଗଣେଶଙ୍କ ପବିତ୍ର ପୂଜୋତ୍ସବ। ଶିକ୍ଷାନୁଷ୍ଠାନ ସହ ଘରେ ଘରେ ଏବଂ ଗଳି କନ୍ଦିରେ ବିଭିନ୍ନ କ୍ଲବରେ ନିଷ୍ଠାର ସହ ଗଣପତିଙ୍କ ଆବାହନ ସହ ପୂଜାର୍ଚ୍ଚନା ହେଉଛି। ଗାଁଠୁ ସହର-ପ୍ରତି ପ୍ରମୁଖ ଛକ ଓ ସାର୍ବଜନୀନ ମଣ୍ଡପଗୁଡ଼ିକରେ ବିରାଟକାୟ ଗଣପତି ମୂର୍ତ୍ତି ସ୍ଥାପନ କରାଯାଇଛି। ଆକର୍ଷଣୀୟ ତୋରଣ, ଆଲୋକମାଳା ଓ ବୈଦିକ ମନ୍ତ୍ରୋଚ୍ଚାରଣରେ ପରିବେଶ ଭକ୍ତିମୟ ହୋଇପଡ଼ିଛି। ଷୋଡ଼ଶୋପଚାର ପୂଜା, ଆରତି ଓ ପ୍ରସାଦ ସେବନର ବିଶେଷ ବ୍ୟବସ୍ଥା କରାଯାଇଛି। ପ୍ରଭୁ ଗଣେଶଙ୍କ ପ୍ରିୟ ଖାଦ୍ୟ 'ଲଡ୍ଡୁ' ଓ 'ମୋଦକ' ଭୋଗ ଲଗାଇବା ପାଇଁ ମଣ୍ଡପଗୁଡ଼ିକରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ସହରର ବିଭିନ୍ନ କ୍ଲବ ଓ ସାହି ବସ୍ତିରେ ଧୁମଧାମରେ ପୂଜା କରାଯାଉଛି। କେଉଁଠି ସୁଉଚ୍ଚ ତୋରଣ ଆଉ କେଉଁଠି ଗଜାନନଙ୍କ ବିଶାଳ ମୂର୍ତ୍ତି ଶୋଭା ପାଉଛନ୍ତି । କଟକ ସହରରେ ୪ଟି କ୍ଲବରେ ଗଜାନନାଙ୍କ ପିତ୍ତଳ ମୂର୍ତ୍ତି ମଧ୍ୟ ପୂଜା ପାଇଲେଣି। ବିଦ୍ୟାର ଦେବତା ଆଦିଦେବ, ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀଗଣେଶ। ପ୍ରତ୍ୟେକ ଶୁଭ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପ୍ରଭୁ ଗଣେଶଙ୍କୁ ପ୍ରଥମେ ପୂଜା କରାଯାଉଥିବାରୁ ତାଙ୍କୁ 'ଅଗ୍ରପୂଜ୍ୟ' ଓ 'ବିଘ୍ନବିନାଶକ' ବୋଲି କୁହାଯାଏ। ବୁଦ୍ଧି, ସିଦ୍ଧି ଓ ଜ୍ଞାନର ଦେବତା ଶ୍ରୀଗଣେଶଙ୍କୁ ପ୍ରସନ୍ନ କରିବା ପାଇଁ ଏହି ପୂଜା କରାଯାଉଛି। ଗଣେଶ ପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ସମାଜରେ ଭାଇଚାରା, ଏକତା ଓ ସଦ୍‌ଭାବନା ସୃଷ୍ଟି କରେ। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଲୋକମାନେ ଏକାଠି ହୋଇ ଏହି ଉତ୍ସବକୁ ଆନନ୍ଦର ସହ ପାଳନ କରନ୍ତି।

ବୁଗୁଡା,୧୪/୦୯: ଏ ବର୍ଷ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଜାକଜମକରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର ଓ ପିପୁଲ୍ସ ହାଇସ୍କୁଲ ସମେତ ବିଭିନ୍ନ ସ୍କୁଲ,କଲେଜ ଓ କୋଚିଂ ସେଣ୍ଟରରେ ଉତ୍ସାହର ସହ ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିସହ ବୁଗୁଡା ସହରାଞ୍ଚଳର ଅରବିନ୍ଦ ନଗର, ପ୍ରେମଚାନ୍ଦ ନଗର, ବଡଦାଣ୍ଡ ସାହି, ଏବଂ ଗ୍ରାମାଞ୍ଚଳର ଗୌଡିଆ ବରୋଦା ଗ୍ରାମର ବଜରଙ୍ଗୀ କ୍ଲବ,କାନସୁକା,କରଚୁଲି,କରସିଙ୍ଗି,ବେତାରସିଙ୍ଗି ଖୋଳଖାଳି ବାଲିପଦର, ପଙ୍କଲବାଡି, ଗୋଳାବନ୍ଧ ,କତକଲା,ମୋଟାବାଡି ସମେତ ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନନଙ୍କ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟା ସମୟରେ ବିଭିନ୍ନ ମେଢ ନିକଟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା।





କାକାଟପୁର: ପବିତ୍ର ଗଣେଶ ଚତୁର୍ଥୀ ଅବସରରେ କାକଟପୁର ଓ ଏହାର ଆଖପାଖ ଅଞ୍ଚଳ ପୁରପଲ୍ଲୀରେ ବିଘ୍ନ ବିନାଶନ ପୂଜା ମହା ସରୋହରେ ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ବ୍ୟବସାୟୀ ସଂଘ, କ୍ଲବ୍, ମାନଙ୍କରେ ପୂଜା ମଣ୍ଡପ ଗୁଡ଼ିକୁ ସୁ ଉଚ୍ଚ ତୋରଣ ଆକର୍ଷଣିଆ ଆଲୋକ ମାଳା ମନଲୋଭା ମୁମ୍ବାଇ ମଡେଲ ମୂର୍ତ୍ତି ମାନ ପ୍ରତିଷ୍ଠା କରାଯାଇ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି କାକଟପୁରର ସର୍ବପୁରାତନ ବଜାର, ଗଣେଶ ବଜାର ବ୍ୟବସାୟୀ ସଙ୍ଘ ତରଫରୁ ଗଜାନନଙ୍କ ପୂଜା କାହିଁ କେତେକାଳରୁ ହୋଇଆସୁଥିବା ବେଳେ ଏହି ବର୍ଷ ମଧ୍ୟ ବହୁଆଡମ୍ବରରେ ସମ୍ପୂର୍ଣ ନୀତିକାନ୍ତି ସହ ପୂଜା କରାଯାଇଛି। ପ୍ରତ୍ୟହ ଖେଚୁଡ଼ି, ପଣା ଭୋଗ ଲାଗି କରାଯାଉଥିବା ବେଳେ ରାତ୍ରରେ ପଣା ଭୋଗ କରାଯାଇ ପହୁଡ଼ ପଡ଼ିବାର ନୀତି ରହିଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ବ୍ୟବସାୟୀ ସଙ୍ଘର କର୍ମକର୍ତା ଜଣାଇଛନ୍ତି। ଓଡ଼ିଆ ସଂସ୍କୃତିର ପରିଚାୟକ ଭାବେ ଲୁପ୍ତପ୍ରାୟ, ପାଲା, ଘୋଡାନାଚ, ଭଜନ ପରିବେଷଣ ଇତ୍ୟାଦି ଗଣେଶ ବଜାର ବ୍ୟବସାୟୀ ସଙ୍ଘର ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଅନ୍ୟାନ୍ୟ ଅନୁଷ୍ଠାନ ସାଜସଜ୍ଜାରେ ଅଧିକ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ଅନ୍ୟ ଅନୁଷ୍ଠାନ ମଧ୍ୟରେ, ଟାଉନ କ୍ଲବ୍, ମେଡିକାଲ ବଜାର ଓ ଚନ୍ଦନ ବଜାର ବ୍ୟବସାୟୀ ସଙ୍ଘରେ ପୂଜା ଧୁମ୍‌ଧାମରେ ପାଳନ ଚାଲିଛି । ଏହା ବ୍ୟତୀତ କାକଟପୁର ସରକାରୀ ବିଦ୍ୟାଳୟ, ରାମକୃଷ୍ଣ ଶିଶୁମନ୍ଦିର, ଉତ୍କଳମଣି ମେମୋରିଆଲ ଗୁରୁକୁଳ ସରସ୍ୱତୀ ଶିଶୁମନ୍ଦିର, କେବିଏମ କିଡ଼ ସ୍କୁଲ, ଜାହାନ ପବ୍ଲିକ ସ୍କୁଲ, ଜାଭିଅର ଆଦି ଶିକ୍ଷାନୁଷ୍ଠାନ ମାନଙ୍କ ରେ ପିଲାମାନଙ୍କ ଦ୍ୱାରା ମଙ୍ଗଳମୂର୍ତ୍ତି ବିଦ୍ୟାଦାତା ଗଜାନନଙ୍କ ପୂଜା ଅତି ଧୁମ୍‌ଧାମରେ ପାଳନ କରାଯାଇଛି ।



ଭଦ୍ରକ: ଭାଇଚାରାର ସହର ଭଦ୍ରକରେ ଗଣେଶ ପୂଜାର ଧୁମ୍ ଆରମ୍ଭ ହୋଇଛି। ଭଦ୍ରକରେ ଗଜାନନଙ୍କ ପୂଜା କେବଳ କିଛି ଦିନ ନୁହେଁ, ବରଂ ପୁରା ମାସେ ଧରି ଚାଲିବାର ଏକ ନିଆରା ପରମ୍ପରା ରହିଛି। ଏଠାରେ ପ୍ରଭୁ ଗଣେଶଙ୍କୁ ବିଭିନ୍ନ ରୂପ ଓ ଭିନ୍ନ ବୟସରେ ପୂଜା କରାଯାଏ। ପୁରୁଣା ବଜାରରେ ୫୦୦ ବର୍ଷ ଧରି ପୂଜା ପାଉଥିବା ଐତିହାସିକ ବୁଢ଼ା ଗଣେଶ, ଚାନ୍ଦିମେଢ଼ ଟୋକା ଗଣେଶ, କୁଆଁସରେ ପିଲା, କାଞ୍ଚନ, ଛୁଆ ଗଣେଶ ଏହିପରି ଆହୁରି ଅନେକ ବିଭିନ୍ନ ସ୍କୁଲ, କଲେଜ, କ୍ଲବ, ଅନୁଷ୍ଠାନ ମାନଙ୍କରେ ଗଜାନନଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଆକର୍ଷଣୀୟ ପୂଜା ମଣ୍ଡପ ଏବଂ ସୁଦୃଶ୍ୟ ତୋରଣରେ ସହର ଆଲୋକିତ ହୋଇଉଠିଛି। ଭଦ୍ରକର ବିଧାୟକଙ୍କ ଘରେ ମଧ୍ୟ ବେଶ୍ ଧୁମଧାମରେ ପାଳିତ ହୋଇଯାଇଛି ଗଜାନନଙ୍କ ପୂଜା ।

ତିଗିରିଆ: ପ୍ରତି ବର୍ଷ ଚଳିତ ବର୍ଷ ଗଣେଶ ପୂଜା ପାଇଁ ପାଞ୍ଚଗାଁ ଉତ୍ସବ ମୁଖର ହୋଇ ପଡିଛି 'ସଦୃଶ୍ୟ ତୋରଣ, ରଙ୍ଗୀନ ଆଲୋକମାଳା ସାଙ୍ଗକୁ ମଣ୍ଡପ ଗୁଡିକ ଆଧୁନିକ ସାଜ ସଜାରେ ଝଲଶୁଛି ୧୪ଟି ମଣ୍ଡପରେ ବିଘ୍ନ ବନାଶକ ଙ୍କ ମୁଣ୍ମୟ ପ୍ରତିମା ଶୋଭା ପାଉଛନ୍ତି ସେ ଗୁଡ଼ିକ ହେଲା ଦି ମୋରୟା ବଜ୍, କିଙ୍ଗ ଗଣେଶ ଆସୋସିଏସନ, ବ୍ରାଇଟ ସନ ଆସୋସିଏସନ, ଚ୍ୟାଲେଞ୍ଜର କ୍ଲବ, ବାଲ ଗଣେଶ ଆସୋସିଏସନ, ସ୍ୱସ୍ତିକ ଟିମ ଆସୋସିଏସନ, କ୍ଲବ ଏକ ଦନ୍ତାୟ, ବିଘ୍ନ ବିନାଶକ ଆସୋସିଏସନ, ସିଦ୍ଧି ବିନାଶକ ଆସୋସିଏସନ, ଦିଗ ବିଜୟ ଆସୋସିଏସନ, ସାଇନିଙ୍ଗ ଷ୍ଟାର ଆସୋସିଏସନ, ପ୍ରିନ୍ସ ୱାରିଅର ଆସୋସିଏସନ, ରୟାଲ ଡାଇମଣ୍ଡ କ୍ଲବ। ଏଥିପାଇଁ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସର ଓ ଯାତ୍ରା ପଡିଆ ଠାରେ ସ୍ୱତନ୍ତ୍ର ବିପଣି ବସିଛି ମିନାବଜାର ପଡିଛି ଚଳିତ ବର୍ଷ ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ ମାନେ ଆସି ୫ ଦିନ ପୂର୍ବରୁ ବ୍ୟବସାୟ ଆରମ୍ଭ କରିଦେଇଛନ୍ତି। ଏହି ଯାତ୍ରା ୭ ଦିନ ଧରି ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ମଣ୍ଡପ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଚାଲିବାର ବ୍ୟବସ୍ଥା କରାଯାଇଛି।

ନିମାପଡ଼ା: ନିମାପଡ଼ା ପୌରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବ ଅନୁଷ୍ଠାନ ସମେତ ବ୍ୟବସାୟ ପ୍ରତିଷ୍ଠାନରେ ଗଣେଶ ପୂଜା ସମାରୋହରେ ଆରମ୍ଭ ହୋଇଛି । ବିଭିନ୍ନ ପୂଜା ମଣ୍ଡପ, ରାସ୍ତା ସବୁ ଚକମକ ଲାଇଟ୍‌ରେ ତୋରଣ ହୋଇ ସୁସଜ୍ଜିତ ହୋଇଥିବା ଲକ୍ଷ୍ୟ କରାଯାଇଛି । ଶିଶୁ ମନ୍ଦିର, ବଡ଼ ବଜାର, ମଲ୍ଲିକ ସାହି, ଟ୍ୟାକ୍ସି ଷ୍ଟାଣ୍ଡ, ଜ.ବ.ରା. ବାଳିକା ଉ. ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଶଗଡ଼ା କଲେଜ ଅଫ୍ ଏଜୁକେସନ୍ ଆଣ୍ଡ୍ ଭୋକେସନାଲ, ନାଗବସ୍ତ ଉଚ୍ଚ ବିଦ୍ୟାଳୟ, ପ୍ରାଚୀ ବାଳିକା ବିଦ୍ୟାପୀଠ ସମେତ ଅନେକ କୋଚିଂ ସେଣ୍ଟରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଗଣେଶ ପୂଜା ପାଳିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ପାଲା, ଦାସ କାଠିଆ, ନୃତ୍ୟ, ଗୀତ, ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କେତେକ ସ୍ଥାନରେ ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟରେ ୩୫୦ ଛାତ୍ରଛାତ୍ରୀ ପୂଜାରେ ଅଂଶଗ୍ରହଣ କରି ବୁଦ୍ଧି, ଜ୍ଞାନ, ସମୃଦ୍ଧିର ପ୍ରତୀକ ପ୍ରଭୁ ଗଣେଶଙ୍କ ଆର୍ଶୀବାଦ ଲାଭ କରିଥିଲେ ବୋଲି ଅଧକ୍ଷ ସଂଜୟ ଦାସ ସୂଚନା ଦେଇଥିଲେ।



ରମ୍ଭା: ସ୍ଥାନୀୟ ଅଞ୍ଚଳର ଗଣେଶ ପୂଜାକୁ ନେଇ ବହୁ ଚର୍ଚ୍ଚା । ଗଣେଶ ପୂଜା ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ବିଭିନ୍ନ ପୂଜା ମଣ୍ଡପ ଓ ରାସ୍ତା ଗୁଡ଼ିକ ଲାଇଟ୍ ଗେଟ୍‌ରେ ସୁସଜ୍ଜିତ ହୋଇଛି। ପୂଜା ମଣ୍ଡପର ଗଣେଶ ବେଶ୍ ଆକର୍ଷଣ ହୋଇଛି। ଗଣେଶ ପେଣ୍ଡାଲର ଶୁଭାରମ୍ଭ ସମୟରେ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୂଜା ମଣ୍ଡପରେ ଉପସ୍ଥିତ ରହିଥିଲେ। ବଡ ଲାଇଟ୍ ଗେଟ୍ ସହ ରାସ୍ତା ଦୁଇ ପାର୍ଶ୍ୱକୁ ଆଲୋକୀକରଣରେ ସୁସଜ୍ଜିତ କରାଯାଇଥିଲା । ସେହିପରି ସହରର କଲେଜ ରୋଡ଼, ପାନ୍ଥନିବାସ ଛକ, ସହରର ଗଳି କନ୍ଦିରେ ସାଜସଜ୍ଜା ମୁଖ୍ୟ ଆକର୍ଷଣ ପାଲଟିଛି। ପ୍ରତ୍ୟେହ ଦିନ ନୃତ୍ୟ ,ଗୀତ ,ମିଲୋଡ଼ି କାର୍ଯ୍ୟକ୍ରମର ସୂଚନା ମିଳିଛି ।

# ଓଡ଼ିଶା ସାମ୍ବାଦିକଙ୍କ ଛତିଶଗଡ଼ ଗସ୍ତ

## ସିରପୁରରେ ହିନ୍ଦୁ-ବୌଦ୍ଧ ଐତିହ୍ୟ ପରିଦର୍ଶନ



ସିରିପୁର,୧୪।୯(ପିଆଇବି): ଆନ୍ତଃରାଜ୍ୟ ସାମ୍ବାଦିକ ଗସ୍ତର ଦ୍ୱିତୀୟ ଦିନରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ଛତିଶଗଡ଼ର ଅନ୍ୟତମ ପ୍ରମୁଖ ଐତିହାସିକ ସ୍ଥଳୀ ସିରପୁରର ସମୃଦ୍ଧ ପ୍ରତ୍ନତାତ୍ତ୍ୱିକ ଓ ସାଂସ୍କୃତିକ ଐତିହ୍ୟର ଅନୁଧ୍ୟାନ କରିଛନ୍ତି। ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ ସିରପୁରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଦ୍ୱାରା ସଂରକ୍ଷିତ ଓ ରକ୍ଷଣାବେକ୍ଷଣ କରାଯାଉଥିବା ବିଭିନ୍ନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ପରିଦର୍ଶନ କରିଥିଲେ। ଏହି ଅବସରରେ ସାମ୍ବାଦିକମାନେ ପ୍ରାଚୀନ ସ୍ଥଳୀଗୁଡ଼ିକର ଐତିହାସିକ ଓ ସ୍ଥାପତ୍ୟଗତ ଗୁରୁତ୍ୱ, ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଏବଂ ସେଗୁଡ଼ିକ ସହ ଜଡ଼ିତ ସମୃଦ୍ଧ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ବିଶେଷଜ୍ଞମାନଙ୍କଠାରୁ ସବିଶେଷ ତଥ୍ୟ ହାସଲ କରିଥିଲେ। ଓଡ଼ିଶାର ସାମ୍ବାଦିକମାନଙ୍କୁ ଛତିଶଗଡ଼ର ଐତିହ୍ୟ, ବିକାଶମୂଳକ ପଦକ୍ଷେପ ଏବଂ ସାଂସ୍କୃତିକ ବିବିଧତା ସହିତ ପରିଚିତ କରାଇବା ପାଇଁ ଏହି ଗଣମାଧ୍ୟମ ପରିଭ୍ରମଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଯାହା ଦ୍ୱାରା ସେମାନେ ପ୍ରତ୍ୟେକ୍ଷ ଅନୁଭୂତି ଓ ସଠିକ୍ ତଥ୍ୟ ଆଧାରରେ ଏହି ଖବରଗୁଡ଼ିକୁ ବ୍ୟାପକ ପାଠକବର୍ଗଙ୍କ ପାଖରେ ପହଞ୍ଚାଇ ପାରିବେ। ପରିଦର୍ଶନ ସମୟରେ ଏଠାରେ ଥିବା ପ୍ରସିଦ୍ଧ ଲକ୍ଷ୍ମଣ ମନ୍ଦିର ସାମ୍ବାଦିକଙ୍କ କୌତୁହଳ ବୃଦ୍ଧି କରିଥିଲା। ଏହାର ସ୍ୱତନ୍ତ୍ର ଇଟା ସ୍ଥାପତ୍ୟ, ସୂକ୍ଷ୍ମ କାରୁକାର୍ଯ୍ୟ ଓ ଭାସ୍କର୍ଯ୍ୟ କଳାକୁ ସେମାନେ ନିରୀକ୍ଷଣ କରିଥିଲେ। ଏହି ପ୍ରତିନିଧି ଦଳ ସ୍ଥାନୀୟ ବାଲେଶ୍ୱର ମହାଦେବ ମନ୍ଦିର ଏବଂ ସୁରଙ୍ଗ ଟିଲା ମଧ୍ୟ ପରିଦର୍ଶନ କରି ଏହି ଅଞ୍ଚଳରେ ମନ୍ଦିର ସ୍ଥାପତ୍ୟର ବିକାଶ ଓ ଧାର୍ମିକ ପରମ୍ପରା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ତିୱରଦେବ ବିହାର ପରିଦର୍ଶନ କରି ସିରପୁରର ବୌଦ୍ଧ ଐତିହ୍ୟ ବିଷୟରେ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଖନନ କରାଯାଇଥିବା ବୌଦ୍ଧ ବିହାର ଏବଂ ଏହାର କୀର୍ତ୍ତିରାଜିର ଅବଶେଷ, ବୌଦ୍ଧ କାର୍ଯ୍ୟକଳାପ ଓ ସାଂସ୍କୃତିକ ଆଦାନପ୍ରଦାନର କେନ୍ଦ୍ର ଭାବରେ ସିରପୁରର ଗୁରୁତ୍ୱ ବିଷୟରେ ସାମ୍ବାଦିକମାନଙ୍କୁ ଧାରଣା ଦେଇଥିଲା। ପ୍ରତିନିଧି ଦଳକୁ ଏହି କୀର୍ତ୍ତିରାଜିଗୁଡ଼ିକର ଐତିହାସିକ ପୃଷ୍ଠଭୂମି, ଖନନରୁ ମିଳିଥିବା ତଥ୍ୟ ଏବଂ ସ୍ଥାପତ୍ୟଗତ ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ପ୍ରତ୍ୟକ୍ଷ ଅନୁଧ୍ୟାନ ସାମ୍ବାଦିକମାନଙ୍କୁ ହିନ୍ଦୁ ଓ ବୌଦ୍ଧ ପରମ୍ପରାର ସହଅବସ୍ଥାନ ଏବଂ ପ୍ରାଚୀନ ସିରପୁରର ସମୃଦ୍ଧ ସାଂସ୍କୃତିକ ପରିବେଶ ବିଷୟରେ ଗଭୀର ଧାରଣା ହାସଲ କରିବାରେ ସାହାଯ୍ୟ କରିଥିଲା। କେନ୍ଦ୍ର ସଞ୍ଚାର ବ୍ୟୁରୋ (ସିବିସି), ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ମନମୋହନ ପାଢ଼ୀ ଏବଂ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇଙ୍କ ସହଯୋଗରେ ଏହି ପରିଦର୍ଶନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

# ଯାନ୍ତ୍ରିକ ତ୍ରୁଟି ଅଟକିଲା ଡ଼ଙ୍ଗା



କୃଷ୍ଣପ୍ରସାଦ,(ନି ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା - ଜହ୍ନିକୁଦା ଚିଲିକା ଯାତ୍ରୀଙ୍କ କାଳ ସାଜିଛି। ତୀର୍ଥ କ୍ଷେତ୍ର ପୁରୀକୁ ଦକ୍ଷିଣ ଓଡିଶାର ଯାତ୍ରୀ ଏବଂ କୃଷ୍ଣପ୍ରସାଦ ଅଞ୍ଚଳ ପାଇଁ ଦୂରତା ଦୃଷ୍ଟିରୁ ଜହ୍ନିକୁଦା ସାତପଡ଼ା ଚିଲିକା ରାସ୍ତା ସୁଗମ ହୋଇଥିବା ବେଳେ ବିପଦ କ୍ଷଣ କ୍ଷଣ କେ ଆସି ପହଞ୍ଚୁଛି। ସୋମବାର ଦିନ ମଧ୍ୟାହ୍ନ ୧ ଟା ସମୟ ରେ ଏକ ଡ଼ଙ୍ଗା ୧୦ ଜଣ ଯାତ୍ରୀ ନେଇ ସାତପଡ଼ାରୁ ଜହ୍ନିକୁଦା ଅଭିମୁଖେ ଆସୁଥିବା ବେଳେ ମଏଁସା ନିକଟରେ ଅଟକି ଥିଲା। ଚିଲିକା ମଝିରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଡ଼ଙ୍ଗାର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଘଟିଥିବା ସୂଚନାରୁ ମିଳିଥିଲା। ପ୍ରତିଦିନ ଏହି ଚିଲିକାରେ ହଜାର ହଜାର ଯାତ୍ରୀ ପର୍ଯ୍ୟଟକ ଯାତାୟାତ କରୁଥିବା ବେଳେ ଚିଲିକା ବାଧକ ସାଜିଛି। ସାତପଡ଼ା ଜହ୍ନିକୁଦା ଚିଲିକାରେ ପକ୍କାରାସ୍ତା ନିର୍ମାଣ ପାଇଁ ଦାବି ହେଉଛି।

# 'ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ 'ଯୋଗନିଦ୍ରା' ଅବ୍ୟର୍ଥ ଉପାୟ'



ଭୁବନେଶ୍ୱର: ବର୍ତ୍ତମାନ ସାମାଜିକ ସ୍ଥିତି କାରଣରୁ ଅଧିକାଂଶ ବ୍ୟକ୍ତି ମାନସିକ ଚାପହେତୁ ଆବଶ୍ୟକ ପରିମାଣର ନିଦ୍ରା ଅଭାବ ଜନିତ ସମସ୍ୟାରେ ଜର୍ଜରିତ । ଏହି ହେତୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନେକ ରୋଗ ସୃଷ୍ଟି ହେଉଥିବା ଋଷି ଚୈତନ୍ୟ ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଆନନ୍ଦମୂର୍ତ୍ତି ଗୁରୁମା କହିଛନ୍ତି । ଭୁବନେଶ୍ୱର ନିଳାଦ୍ରୀବିହାରଠାରେ ଏକ 'ଯୋଗନିଦ୍ରା' ତାଲିମ କାର୍ଯ୍ୟକ୍ରମ ପରିଚାଳନା ଅବସରରେ ସେ ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ 'ଯୋଗନିଦ୍ରା'କୁ ଏକ ଅବ୍ୟର୍ଥ ଉପାୟ କହି ଏହାର ଅଭ୍ୟାସ ସମ୍ପର୍କରେ ବିସ୍ତୃତ ସୂଚନା ଓ କୌଶଳ ବର୍ଣ୍ଣନା କରିଛନ୍ତି । କାର୍ଯ୍ୟକ୍ରମରେ ନାଲକୋର ବହୁ ବରିଷ୍ଠ ଅଧିକାରୀ, ପ୍ରଶାସକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ, ଚିକିତ୍ସକ, ବ୍ୟବସାୟୀ, ସାଧାରଣଜନତା ବହୁସଂଖ୍ୟାରେ ଯୋଗ ଦେଇଥିଲେ ।

## ୨୦ରେ ଖୁଦୁରୁକୁଣୀ ମହୋତ୍ସବ

ଭୁବନେଶ୍ୱର(ନିପ୍ର): ଖୁଦୁରୁକୁଣୀ ମାଆ ମଙ୍ଗଳାଙ୍କର ପୂଜା। ଅବିବାହିତ ଝିଅମାନେ ନିଜ ଭାଇମାନଙ୍କ ମଙ୍ଗଳ କାମନା କରି ଖୁଦୁରୁକୁଣୀ, ଭାଲୁକୁଣୀ ବା ମଙ୍ଗଳାଙ୍କ ପୂଜା କରିଥାନ୍ତି ।ଏହି ପ୍ରାଚୀନ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଦୀର୍ଘ ୨୩ ବର୍ଷ ଧରି ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା ଗ୍ରାମରେ ଖୁଦୁରୁକୁଣୀ ମହୋତ୍ସବ ନୀଳମଣି ମିଶ୍ର ,ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଆସୁଛି। ଏକ ସୁରମ୍ୟ ଏକାଙ୍କିକାରେ ସାତ ସାଧବ ପୁଅ, ସାତ ସାଧବାଣୀ ବୋହୂ, ଚାଣ୍ଡୀ ବ୍ରାହ୍ମଣୀ ତଅପୋଇର କଷଣ ତଥା ମାଆ ମଙ୍ଗଳାଙ୍କର ଆବିର୍ଭାବ ବିଷୟରେ ସୁନ୍ଦର ଭାବରେ ଗାଁ ପୋଖରୀ ସୁନ୍ଦରେଶ୍ୱରରେ ବୋଇତ ବନ୍ଦାଣ କରାଇ ଜଳନ୍ଧର ରାଉଳ(ଧୀବର)ଙ୍କ ନୌକା ଚାଳନା ଦ୍ୱାରା ଅନୁଷ୍ଠିତ କରାଯାଉଛି। ଆଗାମୀ ୨୦ ତାରିଖ ରବିବାର ଦିବା ଚାରିଘଡିକାରୁ ରାତ୍ର ୮ ଘଡିକା ପର୍ଯ୍ୟନ୍ତ ଖୁଦୁରୁକୁଣୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ ଓ ଅଞ୍ଚଳର କର୍ପୋରେଟର ମଧୁସ୍ମିତା ପ୍ରଧାନ ଯୋଗଦାନ କରିବେ।୧୯.୦୯.୨୦୨୬ ସନ୍ଧ୍ୟାରେ ଓଡିଶୀ ନୃତ୍ୟ, ଭଜନ ସହିତ ବିଦ୍ୱାନମଣ୍ଡଳୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହେବ।

## ନୂଆଁଖାଇ ଜୁହାର-୨୦୨୬

ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍ ମାନଙ୍କୁ ଓ ପଶ୍ଚିମ ଓଡିଶାର ଭାଇ ବହେନ୍ ସବ୍‌କୁ ପଶ୍ଚିମ ଓଡିଶାର ଗଣପର୍ବ "ନୂଆଁଖାଇର୍ ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବର୍ଷା ହେଉ ଆରୁ ଆମର୍ ଚାଷୀଭାଇ ମାନକର୍ ମା'ଲକ୍ଷ୍ମୀ ଙ୍କର କୃପାଥୁ ଭଣ୍ଡାର ଘର୍ ଉଛୁଳି ପଡୁ ଆରୁ ୨୦୨୬ ବଛର୍ ସବ୍‌କର ମଙ୍ଗଳ ହେଉ।

୧. କୃଷି ଓ ଆନୁସଙ୍ଗିକ କୃର୍ଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡିଶା ପୋର୍ଟାଲରେ ପଂଜିକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱୀତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।
୫. ସି.ଏମ୍. କିସାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିସାନ ଓ ସି.ଏମ୍. କିସାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ।
୬. କୃଷକ ରେଜିଷ୍ଟ୍ରି (Agristack) ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଂଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ।
୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ଅଥବା ୧୫୫୩୩୩ ଟୋଲ ଫ୍ରି ନମ୍ବରରେ ଫୋନ କରନ୍ତୁ।

ଶ୍ରୀଯୁକ୍ତ ରାଜେନ୍ଦ୍ର ମାଝି
ଜିଲ୍ଲାପାଳ ତଥା ଅଧକ୍ଷ୍ୟ,
ଆତ୍ମା ପରିଚାଳନା କମିଟି
ସୁବର୍ଣ୍ଣପୁର

ଶ୍ରୀଯୁକ୍ତ ସୌଭାଗ୍ୟ କୁମାର ମହାନ୍ତି
ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ତଥା
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ସୁବର୍ଣ୍ଣପୁର

## ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ-ସଭ୍ୟା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଶିକ୍ଷକ-ଶିକ୍ଷୟିତ୍ରୀ, ବିଭାଗୀୟ ଅଧିକାରୀବୃନ୍ଦ ତଥା ଅଧ୍ୟୟନରତ ପ୍ରିୟ ଛାତ୍ରଛାତ୍ରୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ଓଡ଼ିଶାରେ 'ପିଏମ୍-ଶ୍ରୀ' (ପ୍ରଧାନମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ) ଯୋଜନା କାର୍ଯ୍ୟକାରୀ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ଦକ୍ଷତା ବୃଦ୍ଧି ସହିତ ବୈଜ୍ଞାନିକ ମନୋଭାବର ବିକାଶ, କଳା ଓ ସାହିତ୍ୟ କ୍ଷେତ୍ରରେ ସୃଜନଶୀଳତାକୁ ଉତ୍ସାହିତ କରିବା ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା। ଆମ ସୁବର୍ଣ୍ଣପୁର ଜିଲ୍ଲାର ୧୫ ଗୋଟି ସରକାରୀ ବିଦ୍ୟାଳୟ (ପ୍ରଥମରୁ ଦ୍ୱାଦଶ ଶ୍ରେଣୀ) କୁ ପର୍ଯ୍ୟାୟକ୍ରମେ ଏଥିପାଇଁ ଚୟନ କରାଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଯେଉଁଥିପାଇଁ ସରକାର ଆବଶ୍ୟକୀୟ ପାଣ୍ଠି ମଧ୍ୟ ଯୋଗାଇ ଦେଇଛନ୍ତି।

ପିଏମ୍-ଶ୍ରୀ ବିଦ୍ୟାଳୟଗୁଡ଼ିକ ଏକ ଉତ୍ସାହପୂର୍ଣ୍ଣ ପରିବେଶରେ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ, ସର୍ବବ୍ୟାପୀ ତଥା ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ବିଦ୍ୟାଳୟଗୁଡ଼ିକ କେବଳ ପାଠ୍ୟପୁସ୍ତକ ଭିତ୍ତିକ ଜ୍ଞାନରେ ସୀମିତ ନ ରହି ଏକବିଂଶ ଶତାବ୍ଦୀର ଆବଶ୍ୟକୀୟ ଦକ୍ଷତା ବିକାଶ ସହ ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବ୍ୟକ୍ତିତ୍ୱ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଉତ୍ତମ ଭୌତିକ ଭିତ୍ତିଭୂମି, ଉପଯୁକ୍ତ ଶିକ୍ଷଣ ସମ୍ବଳ ଓ ଅନୁଭୂତି ଆଧାରିତ ଶିକ୍ଷାଦାନ ମାଧ୍ୟମରେ ପ୍ରତ୍ୟେକ ଶିଶୁର ବିକାଶ ଉପରେ ଏଠାରେ ଯତ୍ନବାନ ହେବାକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ "ବର୍ଣ୍ଣାଳୀ" କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ସ୍ତରରେ ଲିଙ୍ଗଗତ ଭେଦଭାବ ଦୂରୀକରଣ ଓ ସମାନ ସୁଯୋଗ ସୃଷ୍ଟି ପାଇଁ ସଚେତନତା ବୃଦ୍ଧି କରାଯାଉଛି।

ଜିଲ୍ଲାର ପ୍ରତ୍ୟେକ ଛାତ୍ରଛାତ୍ରୀ ଏହି ସମସ୍ତ ଯୋଜନାର ସଦୁପଯୋଗ କରି ନିଜର ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରନ୍ତୁ, ଏହା ହିଁ ଆମର ଆନ୍ତରିକ କାମନା। ମାଁ ସୁରେଶ୍ୱରୀ ସମସ୍ତଙ୍କୁ ମଙ୍ଗଳ କରନ୍ତୁ।

ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ଜିଲ୍ଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ / ଅଧକ୍ଷ
ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

ତିଥି :(ଋଷି ପଞ୍ଚମୀ, ନୂଆଖାଇ ପର୍ବ): (ଚତୁର୍ଥୀ ସ୍ୱାତୀ)
ଅମୃତ ବେଳା: ପ୍ରାତଃ ୫ ।୩୬ରୁ ଘ ୬।୨୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟ ବିଭୂତି ଓ ଯୋଗକୁ
ଜାଣେ ଅବିଚଳିତ ଭକ୍ତି ଯୋଗରେ ଯୁକ୍ତ ହୋଇଯାଏ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଆକାଂକ୍ଷା ହେଉ ସଂପ୍ରସାରିତ

ବ୍ରିକ୍ସ ତାହାର ତୃତୀୟ ଦଶକରେ ପ୍ରବେଶ କରିସାରିଛି । ଅଷ୍ଟାଦଶତମ ଶିଖର ସମ୍ମେଳନରେ ଉପସ୍ଥାପିତ ବିଷୟବସ୍ତୁ 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ନିର୍ମାଣ' ବ୍ରିକ୍ସର ବଢୁଥିବା ପରିସର, ଗତି ଓ ଆଶାବାଦୀ ମନୋଭାବ ପ୍ରତିଫଳିତ କରିଥିଲା । ତେବେ ଆଲୋଚ୍ୟ ବିଷୟବସ୍ତୁକୁ ଭାରତ ନିଜସ୍ୱ ମନ୍ତ୍ର ଭାବରେ ଦୀର୍ଘ ବର୍ଷରୁ ଉଚ୍ଚାରିତ କରିଆସୁଛି । ଏହି ମନ୍ତ୍ରକୁ ନିଜର ଅର୍ଥନୈତିକ ଓ ବାଣିଜ୍ୟ ନୀତିର ଆଧାର କରିସାରିଛି । ଏହି ସ୍ଥିରତାର ପରିଣାମ ସ୍ୱରୂପ, ତେବେ ବିଶ୍ୱସ୍ତରୀୟ ଯାବତୀୟ ଅନିଶ୍ଚିତତା ମଧ୍ୟରେ ମଧ୍ୟ ଭାରତ ତାର ଅଭିବୃଦ୍ଧି ଓ ସ୍ଥିରତା ସଂକ୍ରାନ୍ତ ନିଶ୍ଚିତତା ସାବ୍ୟସ୍ତ କରିଛି । ଫଳରେ ସଡ଼କ, ରେଳପଥ, ବନ୍ଦର ଏବଂ ବିମାନବନ୍ଦର କ୍ଷେତ୍ରର ଦ୍ରୁତ ଗତିରେ ବିସ୍ତାର କରିଚାଲିଛି ।ଜାହାଜ ନିର୍ମାଣ କ୍ଷେତ୍ର ହେଉ କି ସେମିକଣ୍ଡକ୍ଟର ଅବା କ୍ୱାଣ୍ଟମ୍ କ୍ଷେତ୍ର ହେଉ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଜୈବ ପ୍ରଯୁକ୍ତିବିଦ୍ୟା ଭଳି ରଣନୈତିକ କ୍ଷେତ୍ରରେ ନୂଆ ନୂଆ କ୍ଷମତା ବିକଶିତ କରିଛି ଭାରତ । ଭାରତ ବିଶ୍ୱ ବ୍ୟବସାୟ ପାଇଁ ନୂତନ ସୁଯୋଗର କେନ୍ଦ୍ର ଭାବରେ ଉଭା ହୋଇଥିବା ବେଳେ ମେକ୍ ଇନ୍ ଇଣ୍ଡିଆ, ଇନୋଭେଟ୍ ୱିଥ୍ ଇଣ୍ଡିଆ ଏବଂ ସ୍କେଲ୍ ଫର୍ ଦି ୱାର୍ଲ୍ଡ ଆଗକୁ ବଢ଼ି ଚାଲିଛି ।

ଭାରତରେ ଏକ 'ଷ୍ଟାର୍ଟଅପ୍ ବିପ୍ଳବ' ଜାରି ରହିଥିବାରୁ ୨ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ଏବଂ ୧୨୦ରୁ ଅଧିକ 'ୟୁନିକର୍ଣ୍ଣ' ସହିତ ଭାରତ ଆଜି ବିଶ୍ୱସ୍ତରୀୟ ସମାଧାନର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବା ଉଲ୍ଲେଖର ବିଷୟ । ସୁତରାଂ ବିଶ୍ୱସ୍ତରୀୟ ନବସୃଜନଗୁଡ଼ିକୁ ବିଶ୍ୱ ବଜାରରେ ପହଞ୍ଚାଇବାକୁ ପ୍ରଧାନମନ୍ତ୍ରୀ ଶ୍ରୀମୋଦିଙ୍କ ଆହ୍ୱାନ ପ୍ରଗତିର ମାର୍ଗକୁ ଅଧିକ ପ୍ରେରଣା ଦେଇଛି , ଏଥିରେ ଦ୍ୱିରୁକ୍ତି ନାହିଁ । ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ୍ କାରବାରକୁ ନୂଆ ଗତି ପ୍ରଦାନ କରିବାରେ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇର ବ୍ୟାପକତା ଜନସ୍ତରୀୟ ନବସୃଜନ । ପରିଣାମରେ ବିଶ୍ୱର '୫୦ ପ୍ରତିଶତ ରିୟଲ୍-ଟାଇମ୍ ପେମେଣ୍ଟ' ଏହି ଜ୍ଞାନକୌଶଳ ବ୍ୟବହାର ମାଧ୍ୟମରେ ସମ୍ପନ୍ନ ହୋଇଚାଲିଛି । ଏହି ସ୍ଥିରତାର ପରିଣାମ ସ୍ୱରୂପ, ବିଶ୍ୱସ୍ତରୀୟ ଯାବତୀୟ ଅନିଶ୍ଚିତତା ମଧ୍ୟରେ ମଧ୍ୟ ଭାରତ ତାର ଅଭିବୃଦ୍ଧି ଓ ସ୍ଥିରତା ସଂକ୍ରାନ୍ତ ନିଶ୍ଚିତତା ସାବ୍ୟସ୍ତ କରିଛି ।

ଭାରତ ବିଶ୍ୱ ବ୍ୟବସାୟ ପାଇଁ ନୂତନ ସୁଯୋଗର କେନ୍ଦ୍ର ଭାବରେ ଉଭା ହୋଇଥିବା ବେଳେ ମେକ୍ ଇନ୍ ଇଣ୍ଡିଆ, ଇନୋଭେଟ୍ ୱିଥ୍ ଇଣ୍ଡିଆ ଏବଂ ସ୍କେଲ୍ ଫର୍ ଦି ୱାର୍ଲ୍ଡ ଆଗକୁ ବଢ଼ି ଚାଲିଛି । ତେବେ ଦେଶଗୁଡ଼ିକ ମଧ୍ୟରେ ନିବେଶ ଓ ପ୍ରତିଭାର ଆଦାନପ୍ରଦାନକୁ ବୃଦ୍ଧି ,ସାମୁଦ୍ରିକ ପଥ ସୁରକ୍ଷିତ ରହିବା, ଯୋଗାଣ ପଥ ଖୋଲା ରହିବା, ନାବିକମାନେ ସୁରକ୍ଷିତ ରହିବା ଦ୍ୱାରା ବିଶ୍ୱ ବାଣିଜ୍ୟ ଅଗ୍ରଗତି ସାଧନ କରିପାରିବ । ଏପରି ମର୍ମରେ ଗୁରୁତ୍ୱ ପ୍ରକଟିତ ହୋଇଥିଲା । ବ୍ରିକ୍ସର ଆକାଂକ୍ଷାକୁ କାର୍ଯ୍ୟରେ ପରିଣତ କରିବା ଏବଂ ସାମୂହିକ ଶକ୍ତିକୁ ବିଶ୍ୱସ୍ତରୀୟ ସମାଧାନରେ ପରିଣତ କରିବା ଦ୍ୱାରା ସମଗ୍ର ବିଶ୍ୱ ହିଁ ଉପକୃତ ହୋଇପାରିବ , ଏହି ମହାନ ବାର୍ତ୍ତା ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟରେ ପ୍ରତିଫଳିତ ହୋଇଥିଲା । ଅସଲରେ ଏସବୁର କାର୍ଯ୍ୟକାରିତାର ବ୍ୟାପକତାରେ ସଫଳତା ହାର ବଢ଼ିପାରିବ, ଏହା ନିଃସନ୍ଦେହ ।

# ଇଞ୍ଜିନିୟରିଂ ଶିକ୍ଷା ଏକ ସାଧନା'

## ପ୍ରତ୍ୟୁଷ କୁମାର ବେହେରା

ଦେଶର ଅଭିବୃଦ୍ଧି ଓ ବିକାଶରେ ଇଞ୍ଜିନିୟରଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ । ରାସ୍ତା, କୋଠା, ବନ୍ଧଗୁଡ଼ିକଠାରୁ ଆରମ୍ଭକରି କଳକାରଖାନା, ଯାନବାହନ, ବିଦ୍ୟୁତ ଉତ୍ପାଦନ, ଜଳସେଚନ ଆଦି ଦ୍ୱାରା ଦେଶର ପ୍ରଗତି ହୋଇଥାଏ । ଦେଶ ନିର୍ମାଣରେ ଏହି ଇଂଜିନିୟରଙ୍କ ଗୁରୁତ୍ୱକୁ ସ୍ୱୀକୃତି ଜଣାଇବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ 'ଜାତୀୟ ଇଞ୍ଜିନିୟର୍ସ ଦିବସ' ପାଳନ କରାଯାଉଛି । ଏହି ଦିବସକୁ ଚୟନ କରିବାର ଉଦ୍ଦେଶ୍ୟ ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଆଧୁନିକ ଭାରତର ଅନ୍ୟତମ ନିର୍ମାତା ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ । ଏଣୁ ଏହା ମଧ୍ୟ ହେଉଛି ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି । ୧୮୬୧ ସେପ୍ଟେମ୍ବର ୧୫ରେ କର୍ଣ୍ଣାଟକ ମୁଦେନହାଲିଠାରେ ଭୂମିଷ୍ଠ ହୋଇଥିଲେ । ପୁଣେର ବିଜ୍ଞାନ କଲେଜରୁ ସିଭିଲ ଇଞ୍ଜିନିୟରିଂ ସ୍ନାତକ ଡିଗ୍ରୀ ହାସଲ ପରେ ସେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ । ସେ ଅନେକ ବନ୍ଦର ଡିଜାଇନ୍ ଓ ନିର୍ମାଣ କରିଥିଲେ । ତେବେ ନଦୀ ବନ୍ଧ ପାଇଁ ସ୍ୱୟଂକ୍ରିୟ ଫାଟକ ଉଦ୍ଭାବନ ହେଉଛି ତାଙ୍କର ବଡ଼ କୃତି । ସେ ୧୯୦୮ରେ ସରକାରଙ୍କଠାରୁ ସ୍ୱେଚ୍ଛାକୃତ ଅବସର ନେଇ ହାଇଦ୍ରାବାଦରେ ମୁଖ୍ୟଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ । ସେଠାରେ ସେ ମୁସି ନଦୀ ବନ୍ୟାରୁ ସହରକୁ ରକ୍ଷାକରିବା ପାଇଁ ଉପାୟ ବାହାର କରିଥିଲେ । ଏହାପରେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ଯୋଗଦେଲେ । ମହୀଶୂର କୃଷ୍ଣରାଜସାଗର ବନ୍ଧ ହେଉଛି ତାଙ୍କର କୀର୍ତ୍ତି ।ସରକାର ତାଙ୍କୁ ୧୯୧୫ରେ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ତାଙ୍କୁ ୧୯୫୫ ମସିହାରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଥିଲେ । ସେ ଜୀବନ ସାରା ସଚ୍ଚୋଟ, କର୍ମତତ୍ପର ଓ ନିଷ୍ଠାବାନ୍ ହୋଇ କାର୍ଯ୍ୟ କରିଥିଲେ ।

'ଇଞ୍ଜିନିୟରିଂ ଶିକ୍ଷା ଏକ ସାଧନା 'ଏହି ଉକ୍ତିଟି ସମ୍ପୂର୍ଣ୍ଣ ସତ୍ୟ ଏବଂ ଯଥାର୍ଥ । ଏହା କେବଳ ଏକ ଡିଗ୍ରୀ ବା ପାଠ୍ୟକ୍ରମ ନୁହେଁ, ବରଂ ଏହା ଏକ ଦୀର୍ଘକାଳୀନ, ନିରନ୍ତର ଏବଂ କଠିନ ମାନସିକ ଓ ବୌଦ୍ଧିକ ସାଧନା । ଏହାକୁ ସାଧନା କହିବାର ମୁଖ୍ୟ କାରଣ, କଠିନ ପରିଶ୍ରମ ଓ ଏକାଗ୍ରତା ଜଟିଳ ବିଷୟବସ୍ତୁ ଗଣିତ, ପଦାର୍ଥ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଗଭୀର ସିଦ୍ଧାନ୍ତଗୁଡ଼ିକୁ ବୁଝିବା ପାଇଁ ଅତ୍ୟଧିକ ଏକାଗ୍ରତା ପ୍ରୟୋଜନ ।ସମସ୍ୟାର ସମାଧାନ କରିବାର କଳା ଇଞ୍ଜିନିୟରିଂ ଶିକ୍ଷା ଜଣେ ସାଧାରଣ ମଣିଷକୁ ସମସ୍ୟା ଦେଖି ଡରିବା ପରିବର୍ତ୍ତେ ତାର ଉପାୟ ଖୋଜିବା ଶିଖାଇଥାଏ ।

ଏହା ମସ୍ତିଷ୍କକୁ ଏପରି ଭାବେ ପ୍ରସ୍ତୁତ କରେ, ଯାହା ଦ୍ୱାରା ବାସ୍ତବ ଦୁନିଆର ଜଟିଳ ସମସ୍ୟାଗୁଡ଼ିକର ସହଜ ଏବଂ ସ୍ଥାୟୀ ସମାଧାନ ବାହାର କରିହେବ । ଧୈର୍ଯ୍ୟ ଏବଂ ଅଧ୍ୟବସାୟ ଅନେକ ସମୟରେ ପ୍ରୋଜେକ୍ଟ କିମ୍ବା କୋଡିଂ ଫେଲ୍ ହୋଇଯାଏ ।କିନ୍ତୁ ଜଣେ ପ୍ରକୃତ ସାଧକ ଭଳି, ଜଣେ ଇଞ୍ଜିନିୟର ହାର୍ ନ ମାନି ବାରମ୍ବାର ଚେଷ୍ଟା କରି ସଫଳତା ପାଇଥାଏ । ଏହି ପ୍ରକ୍ରିୟା ଧୈର୍ଯ୍ୟ ଶିଖାଏ । ସୃଜନଶୀଳତା ଓ ନୂତନତ୍ୱ ସାଧନା ଦ୍ୱାରା ଯେପରି ନୂତନ ଜ୍ଞାନର ଆଲୋକ ମିଳେ, ଇଞ୍ଜିନିୟରିଂ ଶିକ୍ଷା ଦ୍ୱାରା ସେହିପରି ନୂଆ ନୂଆ ପ୍ରଯୁକ୍ତିବିଦ୍ୟା ଓ ଯନ୍ତ୍ରପାତିର ଆବିଷ୍କାର ହୋଇଥାଏ ।ଏହା କଳ୍ପନାକୁ ବାସ୍ତବତାରେ ରୂପାନ୍ତରିତ କରିବାର ଶକ୍ତି ଦିଏ । ସମାଜ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଜଣେ ସନ୍ନ୍ୟାସୀଙ୍କ ସାଧନା ଯେପରି ଜଗତର କଲ୍ୟାଣ ପାଇଁ ହୋଇଥାଏ, ଜଣେ ଇଞ୍ଜିନିୟର ର ସାଧନା ମଧ୍ୟ ମାନବ ଜାତିର ପ୍ରଗତି ପାଇଁ ଉଦ୍ଦିଷ୍ଟ । ବିଗତ ଦିନମାନଙ୍କରେ ଦୃଷ୍ଟି ଗୋଚର ହେଉଥିବା ଶିକ୍ଷାର ସମସ୍ୟା ଏବେ ଶତକଡା ୮୫ ଭାଗ କମି ଯାଇଛି । ଆଗରୁ ଅନେକ ମେଧାବୀ ଛାତ୍ରଛାତ୍ରୀ ନିଜର ଇଚ୍ଛା ଥିଲେ ମଧ୍ୟ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ । କିନ୍ତୁ ଏବେ ସରକାରୀ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଛି । ଜଣେ ସାଧାରଣ ଛାତ୍ର ଭଲ ଶିକ୍ଷାନୁଷ୍ଠାନ (ଏନ. ଆଇ. ଟି, ଆଇ.ଆଇ.ଟି ) ହେଉ କି ସରକାରୀ ଅବା ଘରୋଇ ପ୍ରତିଷ୍ଠିତ ଅନୁଷ୍ଠାନରେ ଶିକ୍ଷାଲାଭ କରି ପାରୁଛନ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ନୂଆ ଯୁଗାନ୍ତକାରୀ ଓ ସଫଳ ପଦକ୍ଷେପ । ଆଜି ବିଦ୍ୟାଳୟମାନଙ୍କରେ ବୈଷୟିକ ଶିକ୍ଷା ପାଇଁ ନୂତନ ସୁଯୋଗ ଓ ପାଠ୍ୟ ପୁସ୍ତକ ସହିତ ପୂର୍ଣ୍ଣ ବ୍ୟବସ୍ଥା କରାଯାଉଛି । ଯାହା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରୁଛି । ପୂର୍ବାପେକ୍ଷା ଆମ ଦେଶ ଓ ରାଜ୍ୟରେ ଅନେକ ନୂଆ ବୈଷୟିକ ଶିକ୍ଷାନୁଷ୍ଠାନ ଗଢି ଉଠିଛି ଯାହା ଏକ ମାଇଲ ଖୁଣ୍ଟ ଭାବେ ଠିଆ ହୋଇଛି ସତ କିନ୍ତୁ ସେଇ ଅନୁପାତରେ ଅଭିଜ୍ଞ ଅଧ୍ୟାପକ ନ ଥିବା ଚିନ୍ତାର ବିଷୟ ମଧ୍ୟ ପାଲଟିଛି ।

ଅନେକ ସମୟରେ କିଛି ଖବର ଆମକୁ ବ୍ୟଥିତ କରୁଛି । ଯେମିତି ଜଣେ ମେଧାବୀ ଚାକିରି ନ ପାଇ ମାନସିକ ଭାରସାମ୍ୟ ହରେଇ ବସୁଛି ।

ବାଲେଶ୍ୱର,ମୋ:୭୫୦୪୦୮୧୮୬୩

# ଅର୍ଥନୀତି, ନବସୃଜନ ଓ କୂଟନୀତିର ନୂଆ ଅଧ୍ୟାୟ

## ଇଂ.ଶୁଭମ ଶାଶ୍ୱତ ପୃଷ୍ଟି

**ବ୍ରିକ୍ସରେ ଭାରତର ଉଦୟ କେବଳ ଏକ ବୃହତ୍ ଅର୍ଥନୀତିର କାହାଣୀ ନୁହେଁ ବରଂ ଏକ ଭାରତର ଉଦୟ, ଯେଉଁଠାରେ ମୋଟ ଘରୋଇ ଉତ୍ପାଦନର ଅଭିବୃଦ୍ଧି ସହିତ ଡିଜିଟାଲ ନବସୃଜନ, ୟୁପିଆଇ, ସୌର ଶକ୍ତି,ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, ନବଉଦ୍ୟମ, ସବୁଜ ଅର୍ଥନୀତି ଓ ରଣନୈତିକ ସ୍ୱାୟତ୍ତତା ଭଳି ପ୍ରସଙ୍ଗ ସମାହିତ ହୋଇଛି । ଭାରତର ଶକ୍ତି ତାହାର ଆକାରରେ ଯେତିକି, ତାହାର ଦିଗନିର୍ଦ୍ଦେଶରେ ମଧ୍ୟ ସେତିକି । ଅର୍ଥନୈତିକ ବୃଦ୍ଧି ଯଦି ଏହାର ଭିତ୍ତି ହୁଏ ତେବେ ଡିଜିଟାଲ ନବସୃଜନ ତାହାର ଗତି, ସୌର ଓ ସବୁଜ ପ୍ରଯୁକ୍ତିବିଦ୍ୟା ତାହାର ଭବିଷ୍ୟତ ଏବଂ କୂଟନୈତିକ ସ୍ୱାୟତ୍ତତା ତାହାର ପରିଚୟ ।**

ଏକବିଂଶ ଶତାବ୍ଦୀର ବିଶ୍ୱ ବ୍ୟବସ୍ଥାରେ ଶକ୍ତି ଓ ସାମର୍ଥ୍ୟର ପରିଭାଷା ଦ୍ରୁତଗତିରେ ବଦଳୁଛି । ସାମରିକ କ୍ଷମତା ସହିତ ଆର୍ଥିକ ଅଭିବୃଦ୍ଧି, ପ୍ରଯୁକ୍ତିଗତ ନବସୃଜନ, ଡିଜିଟାଲ ଭିତ୍ତିଭୂମି, ଶକ୍ତି ସୁରକ୍ଷା ଓ ସ୍ଥାୟୀ ବିକାଶ ଏବେ ଏକ ରାଷ୍ଟ୍ର ବିଶ୍ୱ ପ୍ରଭାବର ପ୍ରମୁଖ ମାପକ ଭାବେ ପରିଗଣିତ ହେଉଛି । ଏହି ପରିବର୍ତ୍ତିତ ପରିଦୃଶ୍ୟରେ ବ୍ରିକ୍ସ ଭାରତ ପାଇଁ କେବଳ ଏକ ବହୁପକ୍ଷୀୟ ମଞ୍ଚ ନୁହେଁ ବରଂ ନିଜର ଆର୍ଥିକ ସାମର୍ଥ୍ୟ, ଡିଜିଟାଲ ନବସୃଜନ ଓ ରଣନୈତିକ ସ୍ୱାୟତ୍ତତାକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ କରିବାର ଏକ ସୁଲଭ ଅବସର । ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆୟୋଜିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନରେ ଭାରତକୁ ଚତୁର୍ଥ ଥର ପାଇଁ ବ୍ରିକ୍ସର ଅଧ୍ୟକ୍ଷତା କରିବାର ସୁଯୋଗ ମିଳିଛି । ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା ସହିତ ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ ଏହି ବିସ୍ତୃତ ମଞ୍ଚର ଅଂଶ ହୋଇଥିବାବେଳେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୯.୫ ପ୍ରତିଶତ, ବିଶ୍ୱ ମୋଟ ଘରୋଇ ଉତ୍ପାଦନର ପ୍ରାୟ ୪୦ ପ୍ରତିଶତ ଓ ବିଶ୍ୱ ବାଣିଜ୍ୟର ପ୍ରାୟ ୨୬ ପ୍ରତିଶତ ଅଂଶକୁ ପ୍ରତିନିଧିତ୍ୱ କରୁଛନ୍ତି । ଅର୍ଥାତ୍, ବିଶ୍ୱର ପ୍ରାୟ ଅର୍ଦ୍ଧ ଜନସଂଖ୍ୟା ଓ ପ୍ରାୟ ଦୁଇ-ପଞ୍ଚମାଂଶ ଅର୍ଥନୀତି ଏକ ମଞ୍ଚରେ ଏକତ୍ରିତ ହେବା ବ୍ରିକ୍ସର ବଢୁଥିବା ଭୂ-ଆର୍ଥିକ ଗୁରୁତ୍ୱକୁ ପ୍ରମାଣିତ କରେ ।

ଭାରତର ଅର୍ଥନୀତି ଉଚ୍ଚ ଅଭିବୃଦ୍ଧି ହାର ସହିତ ଆଗକୁ ବଢୁଥିବାବେଳେ ଏହାର ବିଶାଳ ଘରୋଇ ବଜାର, ଯୁବ ଜନସଂଖ୍ୟା, ବଢୁଥିବା ଉତ୍ପାଦନ କ୍ଷମତା ଓ ଡିଜିଟାଲ ଅର୍ଥନୀତି ଭାରତକୁ ବ୍ରିକ୍ସରେ ଏକ ନିର୍ଣ୍ଣାୟକ ଶକ୍ତିରେ ପରିଣତ କରୁଛି । ଆଜି ଭାରତର ଆର୍ଥିକ ଶକ୍ତି କେବଳ ମୋଟ ଘରୋଇ ଉତ୍ପାଦନର ଆକାରରେ ସୀମିତ ନହୋଇ ବିଶ୍ୱ ଯୋଗାଣ ଶୃଙ୍ଖଳା, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ନିବେଶରେ ଭାରତର ବଢୁଥିବା ଭୂମିକାର ମୂଳ ଆଧାରକୁ ଦର୍ଶାଉଛି । ଭରତରେ ଆୟୋଜିତ ୨୦୨୬ ବ୍ରିକ୍ସ ଅଧ୍ୟକ୍ଷତାର ମୂଳ ଦର୍ଶନ ହେଉଛି "ସହନଶୀଳତା, ନବସୃଜନ, ସହଯୋଗ ଓ ସ୍ଥାୟୀତ୍ୱ ପାଇଁ ନିର୍ମାଣ" ଯାହା ପରିବର୍ତ୍ତିତ ଆର୍ଥିକ ଚିନ୍ତାଧାରାକୁ ପ୍ରତିଫଳିତ କରେ । ଭାରତ କେବଳ ଘୋଷଣାମୂଳକ କୂଟନୀତି ନୁହେଁ ବରଂ ପ୍ରାୟୋଗିକ ସହଯୋଗକୁ ଅଧିକ ଗୁରୁତ୍ୱ ଦେଉଛି । ଏହି ଅଧ୍ୟକ୍ଷତା ସମୟରେ ୨୫ଟି ସହରରେ ୩୫୦ରୁ ଅଧିକ ବୈଠକ ଓ ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହାର ଲକ୍ଷ୍ୟ ବ୍ରିକ୍ସକୁ କେବଳ ରାଜନୈତିକ ଆଲୋଚନାର ମଞ୍ଚ ନକରି ବାଣିଜ୍ୟ, ଶିଳ୍ପ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଶକ୍ତି ଓ ଯୁବ ଉଦ୍ୟମିତାର ପ୍ରାୟୋଗିକ ସହଯୋଗ ମଞ୍ଚରେ ପରିଣତ କରିବା । ଏହି ଆଭିମୁଖ୍ୟର ସବୁଠାରୁ ବଡ଼ ଉଦାହରଣ ହେଉଛି ଭାରତର ଡିଜିଟାଲ ନବସୃଜନ ।

ବ୍ରିକ୍ସ ଘୋଷଣାପତ୍ରରେ ସଦସ୍ୟ ଦେଶମାନେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ବୃଦ୍ଧି, ଆର୍ଥିକ ସହଯୋଗ ସୁଦୃଢ଼ କରିବା ଏବଂ ଆନ୍ତର୍ଜାତିକ ଆର୍ଥିକ ସଂସ୍ଥାଗୁଡ଼ିକରେ ବିକାଶଶୀଳ ଦେଶମାନଙ୍କ ପ୍ରତିନିଧିତ୍ୱ ବଢ଼ାଇବା ଉପରେ ଜୋର୍ ଦେଇଛନ୍ତି । ଏହା ସହିତ ଡଲାର ନିର୍ଭରତା ହ୍ରାସ କରି ବିକଳ୍ପ ବ୍ୟାପାରିକ ମୁଦ୍ରା ବ୍ୟବସ୍ଥା ଗଠନ ଉପରେ ମଧ୍ୟ ଆଲୋଚନା କରାଯାଇଛି । ଏହି ପଦକ୍ଷେପଗୁଡ଼ିକ ଗ୍ଲୋବାଲ୍ ସାଉଥ୍‌ର ଦେଶମାନଙ୍କୁ ଅଧିକ ଆର୍ଥିକ ସ୍ୱାଧୀନତା ପ୍ରଦାନ କରିପାରିବ । ବ୍ରିକ୍ସ ଘୋଷଣାପତ୍ରରେ ଆତଙ୍କବାଦ ବିରୋଧୀ ସହଯୋଗ, ଖାଦ୍ୟ ଓ ଶକ୍ତି ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ପ୍ରଯୁକ୍ତି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି




ପାଇଁ ମଧ୍ୟ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଛି । ଜାତିସଂଘ ସମେତ ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକରେ ସଂସ୍କାର ଆଣିବା ଏବଂ ଉଦୀୟମାନ ଅର୍ଥନୀତିମାନଙ୍କ ସ୍ୱରକୁ ଅଧିକ ଗୁରୁତ୍ୱ ଦେବା ଉପରେ ମଧ୍ୟ ବ୍ରିକ୍ସ ଗୁରୁତ୍ୱାରୋପ କରିଛି ।

ସ୍ଥାୟୀ ବିକାଶ ମଧ୍ୟ ଭାରତୀୟ ଅଧ୍ୟକ୍ଷତାର ଅନ୍ୟତମ କେନ୍ଦ୍ରବିନ୍ଦୁ । ବିଶେଷକରି ସୌର ଶକ୍ତି ଓ ଆଲୋକ ବିଦ୍ୟୁତ ଶିଳ୍ପରେ ସହଯୋଗ ପାଇଁ ଭାରତ ଏକ ବିଶେଷ ବ୍ରିକ୍ସ କାର୍ଯ୍ୟଦଳ ଓ କାର୍ଯ୍ୟଯୋଜନା ଆଗକୁ ଆଣିଛି । ଶକ୍ତି ସୁରକ୍ଷାକୁ ଭାରତ କେବଳ ତେଲ ଓ ଗ୍ୟାସର ପ୍ରଶ୍ନ ଭାବେ ନଦେଖି ସୌର, ବୁଦ୍ଧିମାନ ବିଦ୍ୟୁତ୍ ଜାଲ ଓ ଶକ୍ତି ସଂରକ୍ଷଣ ସହିତ ଯୋଡ଼ିଛି । ପ୍ରଯୁକ୍ତିର ପରବର୍ତ୍ତୀ ସୀମା ହେଉଛି ସେମିକଣ୍ଡକ୍ଟର । ଡିଜିଟାଲ ଅର୍ଥନୀତି, କୃତ୍ରିମ ବୁଦ୍ଧିମତ୍ତା, ବିଦ୍ୟୁତଚାଳିତ ଯାନ, ଦୂରସଂଚାର ଓ ପ୍ରତିରକ୍ଷା ଶିଳ୍ପ ଏ ସବୁ କ୍ଷେତ୍ରର ମୂଳରେ ସେମିକଣ୍ଡକ୍ଟର ରହିଛି । ତେଣୁ ବ୍ରିକ୍ସର ନବସୃଜନ ଏଜେଣ୍ଡାରେ ଉନ୍ନତ ପଦାର୍ଥ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ପ୍ରଯୁକ୍ତି ଓ ଉଚ୍ଚ ପ୍ରଯୁକ୍ତି ଗବେଷଣା ସହଯୋଗର ଗୁରୁତ୍ୱ ବଢ଼ିଛି । ଏହା ସହିତ ଭାରତ ନବଉଦ୍ୟମ ନବସୃଜନ ପାଣ୍ଠି ଓ ବ୍ରିକ୍ସ ନବଉଦ୍ୟମ ପ୍ରୋତ୍ସାହନ ଜାଲ ଭଳି ପଦକ୍ଷେପ ପାଇଁ ପ୍ରସ୍ତାବ ରଖିଛି । ଏହା ମାଧ୍ୟମରେ ବିଭିନ୍ନ ସଦସ୍ୟ ଦେଶର ନବଉଦ୍ୟମ, ନବଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ର, ଗବେଷଣା ସଂସ୍ଥା ଓ ଶିଳ୍ପକୁ ଏକାଠି କରିବାର ଚେଷ୍ଟା କରାଯାଇଛି । ଅର୍ଥାତ୍ ଭାରତର ବ୍ରିକ୍ସ ନୀତିରେ "ବଜାର" ସହିତ "ନବସୃଜନ" ଓ "ଯୁବ ଉଦ୍ୟମିତା"କୁ ମଧ୍ୟ ଏକ ରଣନୈତିକ ସମ୍ପଦ ଭାବେ ଦେଖାଯାଉଛି ।

ନୂଆଦିଲ୍ଲୀ ସମ୍ମିଳନୀର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣ ହେଉଛି ଦ୍ୱିପାକ୍ଷିକ କୂଟନୀତି । ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନର ରାଷ୍ଟ୍ରପତି ମାସୁଦ୍ ପେଜେଶ୍କିଆନ୍, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟର ରାଷ୍ଟ୍ରପତି ଅବ୍ଦେଲ୍ ଫତାହ୍ ଅଲ୍-ସିସି, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ, ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିନିଧିତ୍ୱ କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ୍ ଓ ସାଉଦି ଆରବର ବିଦେଶମନ୍ତ୍ରୀ ଫୈସଲ୍ ବିନ୍ ଫରହାନଙ୍କ ଅଂଶଗ୍ରହଣ ଭାରତର ବୈଦେଶିକ କୂଟନୀତିକୁ ସଶକ୍ତ କରିଛି । ଏହି ମଞ୍ଚରେ ଭାରତର ଦ୍ୱିପାକ୍ଷିକ ରଣନୀତି ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ । ରୁଷିଆ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଲୋଚନାରେ ବାଣିଜ୍ୟର ସମ୍ପ୍ରସାରଣ, ପ୍ରତିରକ୍ଷା ସହଯୋଗ, ଶକ୍ତି ଯୋଗାଣ ବୃଦ୍ଧି, ମହାକାଶ, ପ୍ରଯୁକ୍ତିବିଦ୍ୟା, ସାର ଓ ପର୍ଯ୍ୟଟନ ସମ୍ପର୍କ ଭଳି କ୍ଷେତ୍ର ପ୍ରମୁଖଭାବେ ଅଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ରୁଷିଆ ଭାରତର ଏକ ପ୍ରମୁଖ ଶକ୍ତି ଯୋଗାଣକାରୀ ରାଷ୍ଟ୍ର ହୋଇଥିବାରୁ ଶକ୍ତି ସୁରକ୍ଷା ଓ ଦୀର୍ଘମିଆଦୀ ଆର୍ଥିକ ସହଯୋଗ ଏଠାରେ ମୁଖ୍ୟ ପ୍ରସଙ୍ଗ ଭାବେ ଉପସ୍ଥାପିତ ହୋଇଛି । ସେହିପରି ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦିଲ୍ଲୀ ଗସ୍ତ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରିଛି । ଏହା ସାତ ବର୍ଷ ପରେ ତାଙ୍କର ଭାରତ ଗସ୍ତ ଏବଂ ଭାରତ-ଚୀନ ସମ୍ପର୍କରେ ସ୍ଥିରତା, ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆଗକୁ ନେବା ନେଇ ଆଲୋଚନାର ସୁଯୋଗ ସୃଷ୍ଟି କରିଛି । ତଥାପି ନିବେଶ, ନିୟମାନୁଶାସନ, ପ୍ରଯୁକ୍ତିବିଦ୍ୟା ଓ ପାରସ୍ପରିକ ବିଶ୍ୱାସର ସମସ୍ୟା ରହିଥିବାରୁ ଭାରତର ଆଭିମୁଖ୍ୟ ଜାତୀୟ ସୁରକ୍ଷା ଓ ଆର୍ଥିକ ସ୍ୱାର୍ଥ ଉପରେ ନିହିତ ରହିବ ବୋଲି ଆଶା କରାଯାଉଛି । ଇରାନ ସହ ମଧ୍ୟ ଭାରତର ଦ୍ୱିପାକ୍ଷିକ ଆଲୋଚନା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି । ପେଜେଶ୍କିଆନଙ୍କ ଭାରତ ଗସ୍ତ ସମୟରେ ମୋଦୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଚାବାହାର ଓ ମଧ୍ୟ ଏସିଆ ସଂଯୋଗ, ଶକ୍ତି, ବାଣିଜ୍ୟ ଓ ପଶ୍ଚିମ ଏସିଆର ସ୍ଥିରତା ଭଳି ବିଷୟକୁ ନେଇ ଆଲୋଚନାର ବିଷୟ ଥିବାବେଳେ ଏହା ଭାରତର ବ୍ୟାପକ ଭୂ-ଆର୍ଥିକ ରଣନୀତିକୁ ପ୍ରତିପାଦନ କରୁଛି ।

ବ୍ରିକ୍ସରେ ଭାରତର ଉଦୟ କେବଳ ଏକ ବୃହତ୍ ଅର୍ଥନୀତିର କାହାଣୀ ନୁହେଁ ବରଂ ଏକ ଭାରତର ଉଦୟ, ଯେଉଁଠାରେ ମୋଟ ଘରୋଇ ଉତ୍ପାଦନର ଅଭିବୃଦ୍ଧି ସହିତ ଡିଜିଟାଲ ନବସୃଜନ, ୟୁପିଆଇ, ସୌର ଶକ୍ତି,ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, ନବଉଦ୍ୟମ, ସବୁଜ ଅର୍ଥନୀତି ଓ ରଣନୈତିକ ସ୍ୱାୟତ୍ତତା ଭଳି ପ୍ରସଙ୍ଗ ସମାହିତ ହୋଇଛି । ଭାରତର ଶକ୍ତି ତାହାର ଆକାରରେ ଯେତିକି, ତାହାର ଦିଗନିର୍ଦ୍ଦେଶରେ ମଧ୍ୟ ସେତିକି । ଅର୍ଥନୈତିକ ବୃଦ୍ଧି ଯଦି ଏହାର ଭିତ୍ତି ହୁଏ ତେବେ ଡିଜିଟାଲ ନବସୃଜନ ତାହାର ଗତି, ସୌର ଓ ସବୁଜ ପ୍ରଯୁକ୍ତିବିଦ୍ୟା ତାହାର ଭବିଷ୍ୟତ ଏବଂ କୂଟନୈତିକ ସ୍ୱାୟତ୍ତତା ତାହାର ପରିଚୟ । ଏହି ଚାରି ଶକ୍ତିକୁ ଏକତ୍ର କରି ଭାରତ ବ୍ରିକ୍ସକୁ ଏକ ନୂଆ ବିଶ୍ୱ ଆର୍ଥିକ ସହଯୋଗର ମଞ୍ଚରେ ପରିଣତ କରିପାରିଲେ, ନୂଆଦିଲ୍ଲୀର ଏହି ଅଧ୍ୟକ୍ଷତା କେବଳ ଏକ ସମ୍ମିଳନୀର ଆୟୋଜନ ନହୋଇ ବିଶ୍ୱ ଶକ୍ତି ସମୀକରଣରେ ଭାରତର ନୂଆ ଉଦୟ ଓ ଉଦ୍ୟମତାକୁ ପ୍ରତିପାଦିତ କରିବ ।

(ଲେଖକ ଏବଂ ଅର୍ଥନୀତି ସମୀକ୍ଷକ)
ରାଜେନ୍ଦ୍ର ନଗର, ନୂଆଦିଲ୍ଲୀ
ମୋ: ୯୪୩୮୩୨୮୦୧୫

# ସମାଜର ଦ୍ୱୈତ ନୀତି ଓ ଆମର ମାନସିକତା

## ଅଖିଳ ତରାଇ

**ରକ୍ତ ଦରକାର ବେଳେ ରକ୍ତଦାତାର ଧର୍ମ ପଚାରୁନାହୁଁ, ଜୀବନ ବଞ୍ଚାଇବା ବେଳେ ଡାକ୍ତରଙ୍କ ଜାତି ଖୋଜୁନାହୁଁ, ନିଜ କାମ ଅଟକିଲେ ସାହାଯ୍ୟ କରୁଥିବା ମଣିଷର ପରିଚୟ ନେଇ ଚିନ୍ତା କରୁନାହୁଁ । କିନ୍ତୁ ଯେତେବେଳେ କଥା ଆସେ ବିବାହ, ପୂଜା କିମ୍ବା ସାମାଜିକ ସମ୍ପର୍କର ସେତେବେଳେ ହଠାତ୍ ଆମ ଆଖି ଆଗରେ ଜାତି, ଧର୍ମ, ଉଚ୍ଚ-ନୀଚର ଅନେକ ପାଚେରି ଠିଆ ହୋଇଯାଏ । ଜଣେ ମଣିଷ ଯେତେବେଳେ ହସ୍ପିଟାଲ ବେଡ୍‌ରେ ଜୀବନ ସହ ସଂଘର୍ଷ କରୁଥାଏ, ସେତେବେଳେ ତାଙ୍କ ପାଖରେ ଜାତିର ପରିଚୟ ନଥାଏ, ଧର୍ମର ପ୍ରଶ୍ନ ନଥାଏ, ଧନୀ କି ଗରିବ ସେହି ହିସାବ ମଧ୍ୟ ନଥାଏ । ତାଙ୍କର ଏକମାତ୍ର ଚିନ୍ତା କିପରି ସୁସ୍ଥ ହେବେ ।**

ସମାଜ ସତରେ ଏକ ବିଚିତ୍ର ଆଇନା । ଏହି ଆଇନାରେ ଆମର ଚେହେରା ନୁହେଁ, ଆମର ମାନସିକତା ଦେଖାଯାଏ । ବିପଦ ଆସିଲେ ଆମେ ମଣିଷ ଖୋଜୁ, କିନ୍ତୁ ବିପଦ ଟଳିଗଲେ ପୁଣି ଜାତି ଖୋଜୁ । ରକ୍ତ ଦରକାର ବେଳେ ରକ୍ତଦାତାର ଧର୍ମ ପଚାରୁନାହୁଁ, ଜୀବନ ବଞ୍ଚାଇବା ବେଳେ ଡାକ୍ତରଙ୍କ ଜାତି ଖୋଜୁନାହୁଁ, ନିଜ କାମ ଅଟକିଲେ ସାହାଯ୍ୟ କରୁଥିବା ମଣିଷର ପରିଚୟ ନେଇ ଚିନ୍ତା କରୁନାହୁଁ । କିନ୍ତୁ ଯେତେବେଳେ କଥା ଆସେ ବିବାହ, ପୂଜା କିମ୍ବା ସାମାଜିକ ସମ୍ପର୍କର ସେତେବେଳେ ହଠାତ୍ ଆମ ଆଖି ଆଗରେ ଜାତି, ଧର୍ମ, ଉଚ୍ଚ-ନୀଚର ଅନେକ ପାଚେରି ଠିଆ ହୋଇଯାଏ । ଜଣେ ମଣିଷ ଯେତେବେଳେ ହସ୍ପିଟାଲ ବେଡ୍‌ରେ ଜୀବନ ସହ ସଂଘର୍ଷ କରୁଥାଏ, ସେତେବେଳେ ତାଙ୍କ ପାଖରେ ଜାତିର ପରିଚୟ ନଥାଏ, ଧର୍ମର ପ୍ରଶ୍ନ ନଥାଏ, ଧନୀ କି ଗରିବ ସେହି ହିସାବ ମଧ୍ୟ ନଥାଏ । ତାଙ୍କର ଏକମାତ୍ର ଚିନ୍ତା କିପରି ସୁସ୍ଥ ହେବେ । ଡାକ୍ତର ତାଙ୍କୁ ଭଲ କରିଦିଅନ୍ତୁ, ଏହା ହିଁ ତାଙ୍କର ପ୍ରାର୍ଥନା । ସେହି ଡାକ୍ତରଙ୍କୁ ଆମେ କେତେବେଳେ ଭଗବାନଙ୍କ ସମକକ୍ଷ ମାନିଥାଉ ।

ରକ୍ତର ଆବଶ୍ୟକତା ପଡ଼ିଲେ ମଧ୍ୟ ଆମର ଚିନ୍ତାଧାରା ସମାନ ହୋଇଯାଏ । ରକ୍ତ ଦରକାର ଥିବାବେଳେ କିଏ ଦେଉଛି, କେଉଁ ଜାତିର, କେଉଁ ଧର୍ମର, କେଉଁ ଅଞ୍ଚଳର ଏସବୁ ପଚାରିବାକୁ ସେତେବେଳେ ଆମ ପାଖରେ ସମୟ ନଥାଏ । ଯିଏ ରକ୍ତ ଦେଇ ଜୀବନ ବଞ୍ଚାଇଦିଏ, ସେ ହୋଇଯାଏ ଆମର ଆପଣାର । କାରଣ ସେହି ମୁହୂର୍ତ୍ତରେ ଆମକୁ ଦରକାର ଥାଏ ମଣିଷ, ପରିଚୟ ନୁହେଁ । ସେହିପରି ସରକାରୀ ହେଉ ବା ବେସରକାରୀ




କାର୍ଯ୍ୟାଳୟରେ ମଧ୍ୟ ଆମେ ନିଜ କାମ ସୁରୁଖୁରୁରେ ହୋଇଯାଉ ବୋଲି ଚାହୁଁ । କିଏ ଆମର କାମ କରୁଛି, ତାଙ୍କ ସାମାଜିକ ପରିଚୟ କ'ଣ, ତାହା ଆମ ପାଇଁ ଗୌଣ ହୋଇଯାଏ । ଅର୍ଥାତ୍ ଆବଶ୍ୟକତା ସମୟରେ ମଣିଷର ମୂଲ୍ୟ ଆମ ପାଖରେ ତାଙ୍କ ପରିଚୟଠାରୁ ବଡ଼ ହୋଇଯାଏ ।

କିନ୍ତୁ ଚିତ୍ରଟି ବଦଳିଯାଏ ଯେତେବେଳେ କଥା ଆସେ ବିବାହ, ପୂଜା, ପର୍ବପର୍ବାଣୀ କିମ୍ବା ଶୁଭକାର୍ଯ୍ୟର । ସେତେବେଳେ ହଠାତ୍ ଆମ ମନରେ ଅନେକ ପ୍ରଶ୍ନ ଜନ୍ମ ନିଏ, ସେ କେଉଁ ଜାତିର ? କ'ଣ କାମ କରେ ? କେଉଁ ପରିବାରର ? ଆମ ଘରକୁ ଆସିଲେ ସମାଜ କ'ଣ କହିବ ? ଏପରିକି କାହାର ସ୍ପର୍ଶରେ ପୂଜା ଅଶୁଦ୍ଧ ହୋଇଯିବ ବୋଲି ଭାବିବା ପର୍ଯ୍ୟନ୍ତ ଆମେ ପହଞ୍ଚିଯାଉ । ତେବେ ପ୍ରଶ୍ନ ଉଠେ, ଯେଉଁ ମଣିଷର ରକ୍ତ ଆମ ଶରୀରରେ ପ୍ରବାହିତ ହୋଇ ଆମ ଜୀବନ ବଞ୍ଚାଇପାରେ, ସେହି ମଣିଷର ସ୍ପର୍ଶ କିପରି ଅଶୁଦ୍ଧ ହୋଇପାରେ ? ଆହୁରି ଦୁଃଖଦ ହେଉଛି, ଜଣେ ବ୍ୟକ୍ତି ଯଦି ଉଚ୍ଚ ପଦରେ ଥାଆନ୍ତି, ତେବେ ତାଙ୍କ ପରିଚୟ, ପଦ ଓ ପ୍ରତିଷ୍ଠା ଆଗରେ ଅନେକ ଭେଦଭାବ ଗଳିଯାଏ । କିନ୍ତୁ ସେହି ମଣିଷଟି ସାଧାରଣ ପରିବାରର, ନିମ୍ନ ଆର୍ଥିକ ସ୍ଥିତିର କିମ୍ବା ସମାଜର ଅବହେଳିତ ବର୍ଗର ହେଲେ, ଆମର ଆଚରଣ କାହିଁକି ବଦଳିଯାଏ ? ଏହା କେବଳ ଭେଦଭାବ ନୁହେଁ, ଏହା ଆମ ଚିନ୍ତାର ଦାରିଦ୍ର୍ୟ ।

ସମାଜରୁ ଭେଦଭାବ ଦୂର କରିବା ପାଇଁ ସରକାର ଅନେକ ଆଇନ, ଯୋଜନା ଓ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି । ଶିକ୍ଷାର ପ୍ରସାର ହେଉଛି, ଲୋକଙ୍କ ଜୀବନଶୈଳୀ ବଦଳୁଛି, ପ୍ରଯୁକ୍ତି ଆମକୁ ବିଶ୍ୱ ସହ ଯୋଡୁଛି । ତଥାପି ଯଦି ମନ ଭିତରର ଅନ୍ଧକାର ଦୂର ନହୁଏ, ତେବେ ବାହାରର ଉନ୍ନତି ଅଧୁରା ରହିବ ।ଆମେ ଭାବିବାକୁ ପଡ଼ିବ ଆମେ ଆମ ପିଲାମାନଙ୍କୁ କେମିତି ସମାଜ ଦେଇଯିବାକୁ ଚାହୁଁଛୁ ? ଏମିତି ଏକ ସମାଜ, ଯେଉଁଠି ବିପଦରେ ସମସ୍ତେ ଭାଇ, କିନ୍ତୁ ସୁଖରେ ପୁଣି ଅଜଣା ? ନା ଏମିତି ଏକ ସମାଜ, ଯେଉଁଠି ପ୍ରତ୍ୟେକ ମଣିଷକୁ ତାଙ୍କ ମାନବିକତାରେ ମୂଲ୍ୟାୟନ କରାଯିବ ? ଆଜି ଆମେ ଆଧୁନିକ ପ୍ରଯୁକ୍ତିର ଯୁଗରେ ବଞ୍ଚୁଛୁ । ମୋବାଇଲରେ ସମାନତା, ମାନବିକତା ଓ ଭାଇଚାରାର ବାର୍ତ୍ତା ପୋଷ୍ଟ କରୁଛୁ । କିନ୍ତୁ ଘର ଭିତରେ, ବିବାହ ନିଷ୍ପତ୍ତିରେ କିମ୍ବା ସାମାଜିକ ଆଚରଣରେ ଯଦି ପୁଣି ପୁରୁଣା ଭେଦଭାବକୁ ଧରି ରଖୁ, ତେବେ ଆମର ଆଧୁନିକତା କେବଳ ଦେଖାଦେଖି ନୁହେଁ କି ?

ଏହି ବିରୋଧାଭାସ ଆମ ଦୈନନ୍ଦିନ ଜୀବନର ଅନେକ ଛୋଟ ଘଟଣାରେ ମଧ୍ୟ ଦେଖାଯାଏ । ରାସ୍ତାରେ ଦୁର୍ଘଟଣା ଘଟିଲେ ଆହତ ବ୍ୟକ୍ତିକୁ ହସ୍ପିଟାଲ ପହଞ୍ଚାଇବା ପାଇଁ ଅଜଣା ଲୋକମାନେ ମଧ୍ୟ ଦୌଡ଼ିଆସନ୍ତି । ସେତେବେଳେ କେହି ପଚାରନ୍ତି ନାହିଁ, ସେ କେଉଁ ଜାତିର, କେଉଁ ଧର୍ମର କିମ୍ବା କେତେ ଧନୀ । ମାନବିକତା ସେହି ମୁହୂର୍ତ୍ତରେ ସବୁ ପରିଚୟକୁ ଢାଙ୍କିଦିଏ । ତେବେ ସେହି ମାନବିକତାକୁ ଆମେ ଦୈନନ୍ଦିନ ସମ୍ପର୍କରେ କାହିଁକି ରଖିପାରୁ ନାହୁଁ ? ପ୍ରକୃତ ପରୀକ୍ଷା ବିପଦ ସମୟରେ ନୁହେଁ, ବରଂ ସାଧାରଣ ସମୟରେ ହୁଏ । ବିପଦ ଆମକୁ ବାଧ୍ୟ କରେ ଏକ ହେବାକୁ, କିନ୍ତୁ ସୁଖର ସମୟରେ ମଧ୍ୟ ଯଦି ଆମେ ସମାନତାକୁ ବାଛିପାରୁ, ସେତେବେଳେ ହିଁ ଆମ ସମାଜ ସତରେ ଆଗକୁ ବଢ଼ିବ । କାହାର ଘରେ ଖାଇବାକୁ ଯିବା, କାହାକୁ ପାଖରେ ବସାଇବା, କାହା ସହ ବନ୍ଧୁତ୍ୱ କରିବା କିମ୍ବା କାହାକୁ ବିବାହ ସମ୍ପର୍କରେ ଗ୍ରହଣ କରିବା ଏସବୁ ନିଷ୍ପତ୍ତିରେ ମଣିଷର ଚରିତ୍ର ଓ ମାନବିକତାକୁ ପ୍ରଥମ ସ୍ଥାନ ଦେବା ଦରକାର ।

ସମାଜରେ ପରିବର୍ତ୍ତନ ଗୋଟିଏ ଦିନରେ ଆସିବ ନାହିଁ । ପିଢ଼ି ପିଢ଼ି ଧରି ଚାଲିଆସୁଥିବା ଧାରଣାକୁ ବଦଳାଇବା ପାଇଁ ଶିକ୍ଷା ସହିତ ସଚେତନତା ଆବଶ୍ୟକ । ଶିକ୍ଷିତ ହେବା ମାତ୍ରେ ମନ ଉଦାର ହୋଇଯାଏ ନାହିଁ । ଡିଗ୍ରୀ ହାତରେ ଥାଇପାରେ, କିନ୍ତୁ ଚିନ୍ତାଧାରା ପୁରୁଣା ରହିପାରେ । ତେଣୁ ଶିକ୍ଷାର ଅର୍ଥ କେବଳ ପାଠ୍ୟପୁସ୍ତକ ନୁହେଁ; ଅନ୍ୟର ସମ୍ମାନ, ଅଧିକାର ଓ ମର୍ଯ୍ୟାଦାକୁ ବୁଝିବା ମଧ୍ୟ ଶିକ୍ଷାର ଅଂଶ । ଧର୍ମ ମଣିଷକୁ ଭଲ ହେବା ଶିଖାଏ, ପରସ୍ପରକୁ ଘୃଣା କରିବା ନୁହେଁ । ପରମ୍ପରା ଯଦି ମଣିଷର ମର୍ଯ୍ୟାଦା କମାଏ, ତେବେ ସେହି ପରମ୍ପରାକୁ ନୂଆ ଦୃଷ୍ଟିରେ ଦେଖିବା ଦରକାର । ସମାଜ ତାହାବେଳେ ହିଁ ଶକ୍ତିଶାଳୀ ହୁଏ, ଯେତେବେଳେ ଦୁର୍ବଳ ଓ ସାଧାରଣ ମଣିଷ ମଧ୍ୟ ସମ୍ମାନ ସହିତ ବଞ୍ଚିପାରେ । ଆଜି ଆମେ ନିଜକୁ ପ୍ରଗତିଶୀଳ ବୋଲି କହୁଛୁ । ମହାକାଶକୁ ଯାଉଛୁ, ନୂଆ ପ୍ରଯୁକ୍ତି ତିଆରି କରୁଛୁ, ସାରା ବିଶ୍ୱ ସହ ଯୋଡ଼ି ହେଉଛୁ । କିନ୍ତୁ ଯଦି ପଡ଼ୋଶୀର ଜାତି ଦେଖି ତାଙ୍କୁ ଦୂରେ ରଖୁ, ତେବେ ଏହି ପ୍ରଗତିର ଅର୍ଥ କ'ଣ ? ଆମ ଘର, ଗାଁ ଓ ସମାଜରୁ ଯଦି ଛୋଟ ଛୋଟ ଭେଦଭାବ ହଟିବ, ତେବେ ବଡ଼ ପରିବର୍ତ୍ତନ ନିଶ୍ଚିତ ଆସିବ । ପ୍ରତ୍ୟେକ ମଣିଷକୁ ସମ୍ମାନ ଦେବା, ତାଙ୍କ ଦୁଃଖରେ ଠିଆ ହେବା ଓ ତାଙ୍କ ସଫଳତାରେ ଖୁସି ହେବା ଏହା ହିଁ ସତ୍ୟ ସାମାଜିକ ଉନ୍ନତି ।

ଶିଶୁମାନେ ଆମ କଥାଠାରୁ ଅଧିକ ଆମ ଆଚରଣରୁ ଶିଖନ୍ତି । ଆମେ ଯଦି ସେମାନଙ୍କୁ ସମାନତାର ପାଠ ପଢ଼ାଇ ନିଜେ ଭେଦଭାବ କରିବା, ତେବେ ଆଗାମୀ ପିଢ଼ି ମଧ୍ୟ ସେହି ଦ୍ୱନ୍ଦ୍ୱକୁ ବୋହିବ । ସରକାର ଆଇନ କରିପାରନ୍ତି, ଯୋଜନା କରିପାରନ୍ତି, ସଚେତନତା କାର୍ଯ୍ୟକ୍ରମ କରିପାରନ୍ତି କିନ୍ତୁ ମନର ପାଚେରି ଭାଙ୍ଗିବାକୁ ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଗକୁ ଆସିବାକୁ ପଡ଼ିବ । ଭେଦଭାବ ଭାଙ୍ଗିବାର ଆରମ୍ଭ ଅନ୍ୟଠାରୁ ନୁହେଁ, ନିଜ ଘର ଓ ନିଜ ମନରୁ ହେବା ଦରକାର । ଆମେ ଯେତେବେଳେ ବିପଦରେ ପଡୁ, ସେତେବେଳେ ମଣିଷ ଆମର ନିଜର ହୋଇଯାଏ । ତେବେ ସୁଖର ସମୟରେ ସେହି ମଣିଷକୁ ପର କରିବାର ଅଧିକାର ଆମକୁ କିଏ ଦେଲା ? ଜୀବନର ଶେଷ ସତ୍ୟ ହେଉଛି, ମଣିଷର ସବୁଠାରୁ ବଡ଼ ପରିଚୟ ତାହାର ଜାତି, ଧର୍ମ, ଧନ କିମ୍ବା ପଦବୀ ନୁହେଁ, ସେ ଜଣେ ମଣିଷ । ଏହି ସରଳ ସତ୍ୟକୁ ଯେଦିନ ସମାଜ ହୃଦୟରୁ ଗ୍ରହଣ କରିବ, ସେଦିନ ବିପଦରେ ନୁହେଁ, ସୁଖରେ ମଧ୍ୟ ମଣିଷ ମଣିଷ ପାଇଁ ଠିଆ ହେବ ।

ଗଞ୍ଜାମ, ମୋ- ୭୭୮୭୦୦୧୦୦୧

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଧାମନଗର,୧୪।୯ (ନିପ୍ର); ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ରାମେଶ୍ୱରପୁର ସ୍ଥିତ ମା' ରକ୍ଷାକାଳୀ ୟୁଥ୍ କ୍ଲବର ୧୩ ତମ ବାର୍ଷିକୋତ୍ସବ ଏବଂ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କ୍ଲବର ସଭାପତି ସୁଦର୍ଶନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ମନୋରଞ୍ଜନ ମଲିକ, ସମାଜସେବୀ କ୍ଷେତ୍ରବାସୀ ବାରିକ, ରମାକାନ୍ତ ବେହେରା, ଭାସ୍କର ମହାପାତ୍ର ଏବଂ ପ୍ରଶାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସଫଳ କାର୍ଯ୍ୟକ୍ରମକୁ କ୍ଲବର ସମ୍ପାଦକ ଅନିଲ କୁମାର ବେହେରା, ଦୀପ୍ତି ରଞ୍ଜନ ବେହେରା, ଉତ୍କଳ ବେହେରା, ଲମ୍ବୋଦର ନାୟକ, କୃପାସିନ୍ଧୁ ରାଉତ, ଜ୍ୟୋତି ରଞ୍ଜନ ବେହେରା, ତପନ କୁମାର, ଗୌରବ ବେହେରା, ସରୋଜ ବେହେରା, ଅରୂପାନନ୍ଦ ରାଉତ, ନିରଞ୍ଜନ ବେହେରା ଓ ପ୍ରଦୀପ ବେହେରା ପ୍ରମୁଖ ସକ୍ରିୟ ଭାବେ ପରିଚାଳନା କରିଥିଲେ। ଚଳିତ ବର୍ଷ କ୍ଲବର ୧୩ ତମ ବାର୍ଷିକୋତ୍ସବ ବେଶ୍ ଉତ୍ସାହର ସହ ପାଳନ କରାଯାଉଥିବାବେଳେ ଆଗାମୀ ୭ ଦିନ ଧରି ମା' ରକ୍ଷାକାଳୀଙ୍କ ପୀଠରେ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଅନିଲ ବେହେରା ସୂଚନା ଦେଇଛନ୍ତି।

# ଆନ୍ଧ୍ରରେ ନେରେଡ଼ି ବ୍ୟାରେଜ ନିର୍ମାଣ ପ୍ରତିବାଦ

## 'ବଂଶଧାରା ବଞ୍ଚାଅ, ଓଡ଼ିଶା ବଞ୍ଚାଅ' ଦାବିରେ ନୀରବ ସତ୍ୟାଗ୍ରହ

ରାୟଗଡା:୧୪/୦୯:(ନିପ୍ର) ବଂଶଧାରା ନଦୀ ଉପରେ ଆନ୍ଧ୍ରର ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ ନିର୍ମାଣର ପ୍ରତିବାଦ ଏବଂ ଓଡ଼ିଶାର ୧୦୬ ଏକର ସରକାରୀ ଜମି ଆନ୍ଧ୍ରପ୍ରଦେଶକୁ ହସ୍ତାନ୍ତର ପ୍ରସଙ୍ଗକୁ ବିରୋଧ କରି ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ସୋମବାର ଗୁଣୁପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ନୀରବ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ମହାମଞ୍ଚ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ତୁରନ୍ତ ସ୍ଥଗିତ ରଖି ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଦାବି କରାଯାଇଥିଲା। ନେରେଡ଼ି ବ୍ୟାରେଜ ଯୋଗୁଁ ଗଜପତି ଜିଲ୍ଲାର କାଶିନଗର ବ୍ଲକ ଏବଂ ଗୁଣପୁର ବ୍ଲକ ବଂଶଧାରା ଅବବାହିକାର ଗାଁ ଗୁଡିକରେ ପଛୁଆ ଜଳପ୍ରବାହ, ଜଳବନ୍ଦୀ ଓ ବନ୍ୟା ଆଶଙ୍କା ବଢ଼ିବା ସହ ଚାଷ ଓ ଜନଜୀବନ ପ୍ରଭାବିତ ହେବା ନେଇ ମହାମଞ୍ଚ ଉଦ୍‌ବେଗ ପ୍ରକାଶ କରିଛି। ଓଡ଼ିଶା ପକ୍ଷରୁ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଆପତ୍ତି ଉଠାଯାଇଥିବା ଏବଂ ସମ୍ପୃକ୍ତ ସ୍ପେଶାଲ ଲିଭ୍ ପିଟିସନ୍ ବିଚାରାଧୀନ ଥିବା ଦର୍ଶାଇ, ମାମଲାର ଆଇନଗତ ସ୍ଥିତି ସ୍ପଷ୍ଟ ନ ହେବା ପର୍ଯ୍ୟନ୍ତ ଜମି ହସ୍ତାନ୍ତର ନ କରିବାକୁ ମହାମଞ୍ଚର କର୍ମକର୍ତ୍ତା ମାନେ ଦାବି କରିଥିଲେ। ଏଥିସହ ପ୍ରକଳ୍ପର ସମ୍ପୂର୍ଣ୍ଣ ନକ୍ସା ସାର୍ବଜନୀନ କରିବା, ସ୍ୱାଧୀନ ବୈଷୟିକ ଅନୁଧ୍ୟାନ, ଜଳବନ୍ଦୀର ସମ୍ଭାବନା ମୂଲ୍ୟାୟନ ଏବଂ ଚାଷୀଙ୍କ ଜଳ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ଲିଖିତ ପ୍ରତିଶ୍ରୁତି ଦାବି କରାଯାଇଛି। ଆଜିର ସତ୍ୟାଗ୍ରହରେ ଯୋଗଦେଇ ବିଧାନସଭା ସଦସ୍ୟ ସତ୍ୟଜିତ ଗମାଙ୍ଗ ଗୁଡ଼ାରୀ ଉପରମୁଣ୍ଡର ପାଣିଡଙ୍ଗର ପ୍ରସ୍ତାବିତ ମେଗା ଜଳପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ରଖିଥିଲେ। ସୂଚନାଯୋଗ୍ୟ, ୨୦୦୫ ମସିହାରେ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ରବି ନନ୍ଦଙ୍କ ଦ୍ୱାରା ବଂଶଧାରା-ଋଷିକୂଲ୍ୟା ନଦୀ ସଂଯୋଗୀ କରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଥିଲେ ମଧ୍ୟ ଏଯାବତ୍‌ତାହା କାର୍ଯ୍ୟକ୍ଷମ ହୋଇନାହିଁ। ମହାମଞ୍ଚର ସଭାପତି ଗୌରଚନ୍ଦ୍ର ତ୍ରିପାଠୀ କହିଥିଲେ, "ଅବିଭକ୍ତ କୋରାପୁଟ ଓ ଗଜପତି ଜିଲ୍ଲା ପ୍ରତି ଅବିଚାର ଆଉ ସହ୍ୟ କରାଯିବ ନାହିଁ। ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର ହେବ। ଆବଶ୍ୟକ ପଡ଼ିଲେ



ଆଇନର ସହାୟତା ନିଆଯିବ ବୋଲି କହିଥିଲେ।

ମଞ୍ଚର ବରିଷ୍ଠ ସଦସ୍ୟ ମନୋଜ ପାତ୍ର ଜଳ ଅଧିକାର ସୁରକ୍ଷାରେ ବିଳମ୍ବ ଭବିଷ୍ୟତ ପିଢ଼ି ପାଇଁ ଗୁରୁତର ସମସ୍ୟା ଆଣିପାରେ ବୋଲି କହିଥିଲେ।

ସେ କହିଥିଲେଯେ, "ଆଜି ଯଦି ଆମେ ନୀରବ ରହିବା, ଆସନ୍ତାକାଲି ଭବିଷ୍ୟତ ପିଢ଼ି ପ୍ରଶ୍ନ କରିବ—'ଯେତେବେଳେ ଜମି ଗଲା, ଜଳ ଗଲା, ଜୀବିକା ଗଲା, ତମେ କ'ଣ କରୁଥିଲ ?'" ବରିଷ୍ଠ ଆଇନଜୀବୀ ଅଧିବକ୍ତା ବ୍ରହ୍ମାନନ୍ଦ ପଟ୍ଟନାୟକ, ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ବର୍ତ୍ତମାନ ବିଧାୟକ ସତ୍ୟଜିତ ଗମାଙ୍ଗ, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଶିବନାରାୟଣ ପଣ୍ଡା, ବୁଡ଼ି ଅଞ୍ଚଳର ସାରା ବାଡ଼ିଙ୍ଗା, ବଂଶଧାରା ସୁରକ୍ଷା ମଞ୍ଚ, ପାଲସିଂର ଆବାହକ ବ୍ରଜମୋହନ ନାୟକଙ୍କ ସମେତ ଗୁଣୁପୁର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ସତ୍ୟାଗ୍ରହରେ ଯୋଗଦେଇ ନେରେଡ଼ି ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପୂର୍ବରୁ ମହାମଞ୍ଚ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିଥିବା ଦାବି ଗୁଡିକ ମଧ୍ୟରେ ଜମି ଯାଞ୍ଚ ଓ ହସ୍ତାନ୍ତର ପ୍ରକ୍ରିୟା ବନ୍ଦ କରିବା, ପ୍ରକଳ୍ପର ସମ୍ପୂର୍ଣ୍ଣ ନକ୍ସା ସାର୍ବଜନୀନ କରିବା, ସ୍ୱାଧୀନ ବୈଷୟିକ ଅନୁଧ୍ୟାନ ଓ ଜଳବନ୍ଦୀ ସମ୍ଭାବନାର ମୂଲ୍ୟାୟନ, ଚାଷୀଙ୍କ ସ୍ୱାର୍ଥ ଓ ଜଳ ଅଧିକାର ସୁରକ୍ଷା ପାଇଁ ଲିଖିତ ପ୍ରତିଶ୍ରୁତି ଏବଂ ସମସ୍ତ ସାମ୍ବିଧାନିକ ଓ ଆଇନଗତ ସୁରକ୍ଷା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ କୌଣସି ଜମି ହସ୍ତାନ୍ତର ନ କରିବା ଇତ୍ୟାଦି ରହିଛି।

# ଡେରାବିଶ ହାଇସ୍କୁଲ୍‌ର ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ପ୍ରସ୍ତୁତି

ଡେରାବିଶ,୧୪।୯ (ନିପ୍ର) : ଡେରାବିଶ ହାଇସ୍କୁଲ୍‌ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲୁମିନି ଆସୋସିଏସନ୍ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବହୁ ସଂଖ୍ୟାରେ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ଉକ୍ତ ପ୍ଲାଟିନମ୍ ଜୁବୁଲି ଉତ୍ସବ କେମିତି ପାଳନ ହେବ ଓ ତା ପାଇଁ କିଭଳି ପ୍ରସ୍ତୁତି କରାଯିବ ତା ଉପରେ ଆଲୋଚନା ହୋଇଥିଲା । ଏଥିରେ ଡେରାବିଶ ବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସ୍ଥାୟୀ ସଭାପତି ଭାବେ ପୁରାତନ ଛାତ୍ର ସୁଶାନ୍ତ ପାତ୍ର, ସମ୍ପାଦକ ଭାବେ ପୁରାତନ ଛାତ୍ରୀ ଟିକିଲି କୁମାରୀ ସ୍ୱାଇଁ ଓ କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ହୋତାଙ୍କୁ ଚୟନ କରାଯାଇଛି । ଗୁରୁଚରଣ ସେଠୀଙ୍କ ଆବାହକତ୍ୱରେ ୧୫ଜଣିଆ ଉପଦେଷ୍ଟାମଣ୍ଡଳୀ, ଶିକ୍ଷକ ଅତୁଲ୍ୟ ରଥଙ୍କ ଆବାହକତ୍ୱରେ ୩୦ଜଣିଆ କୋର୍‌କମିଟି ଗଠନ କରାଯାଇଥିଲା । ବୈଠକରେ କିଶୋରରଞ୍ଜନ କର, ବିଷ୍ଣୁଚରଣ ପଣ୍ଡା, ତାରାକାନ୍ତ ପ୍ରଧାନ, ନିରଞ୍ଜନ କର, ସଂଗ୍ରାମ ସିଂହ, କମଳାକାନ୍ତ ସାହୁ, ତ୍ରିଲୋଚନ ରାଉତ, ଅହେସାନ୍ ଖାନ୍, ଲଲାଟକେଶରୀ ଭୂୟାଁ, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ସ୍ୱାଇଁ , ଦୀପକ କୁମାର କର , ଅବଦୁଲ୍ ରହେମାନ୍ ଖାନ୍, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ପୂଜା ପାଇଁ ଶ୍ରୀକ୍ଷେତ୍ର ଉତ୍ସବମୁଖର

ପୁରୀ,୧୪।୯(ନିପ୍ର): ଅଗ୍ରପୂଜ୍ୟ ତଥା ବିଦ୍ୟାଦାତା ଗଜାନନଙ୍କ ପୂଜା ଉତ୍ସବ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଛାତ୍ରଛାତ୍ରୀମାନେ ନବ ବସ୍ତ୍ର ପରିଧାନ କରି ପୂଜା ସାମଗ୍ରୀ ସାଙ୍ଗରେ ନେଇ ନିଜ ନିଜର ବିଦ୍ୟାଳୟ ଗୁଡିକରେ ଗଜାନନଙ୍କୁ ପୂଜା କରିବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଶ୍ରୀ ମନ୍ଦିର ବେଢ଼ାରେ ଥିବା ଗଣେଶଙ୍କ ମନ୍ଦିରରେ ଛାତ୍ରଛାତ୍ରୀମାନଙ୍କର ପୂଜା ପାଇଁ ଲମ୍ବା ଧାଡ଼ି ଲାଗିଥିବା ଦେଖାଯାଇଥିଲା । ଶାନ୍ତି ଶୃଙ୍ଖଳା ସହ ଧାଡ଼ିରେ ଯାଇ ଛାତ୍ର ଛାତ୍ରୀ ମାନେ ଗଣେଶ ଙ୍କ ନିକଟ ରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ବିଦ୍ୟାଳୟ ଗୁଡିକରେ ପୁଷ୍ପାଞ୍ଜଳି ଦେବା ପରେ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରସାଦ ଅର୍ପଣ କରାଯାଇଥିଲା । ସଂତୋଷୀ ଇଂଲିଶ ମିଡ଼ିୟମ, ସାରସ୍ୱତ ବିଦ୍ୟା ନିକେତନର, ବିଶ୍ୱମ୍ଭର ବିଦ୍ୟାପୀଠ, ସରକାରୀ ବାଳିକା ବିଦ୍ୟାଳୟ, ସାମନ୍ତ ଚନ୍ଦ୍ର ଶେଖର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ , ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର ,ଆଦି ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା ଧୁମଧାମ୍‌ରେ ପାଳିତ ହୋଇଥିଲା। ସିଂହଦ୍ୱାର ଠାରୁ ଗୁଣ୍ଡିଚା ଘର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପୂଜା ମଣ୍ଡପ ଗୁଡ଼ିକରେ ଗଜାନନଙ୍କ ପୂଜା କରାଯାଇଥିଲା ପୂଜା ମଣ୍ଡପ ଗୁଡ଼ିକୁ ଆକର୍ଷଣୀୟ ସାଜସଜ୍ଜା କରିବା ସହ ଉଚ ତୋରଣମାନ ବେଶ୍ ଆକର୍ଷିତ ହୋଇଥିଲା ଅପରାହ୍ନ ରେ ଛାତ୍ର ଛାତ୍ରୀ ମାନେ ବେଳାଭୂମି ରେ ବୁଲିବା ସହ ଚାଟ ଓ ଆଇସକ୍ରିମ ଖାଇବାର ମଜା ନେଉଥିବା ଦେଖା ଯାଇଥିଲା। ଗଜାନନଙ୍କ ପୂଜା ଶ୍ରୀକ୍ଷେତ୍ର ରେ ଏକ ମୁଖ୍ୟ ପର୍ବ ଭାବେ ପାଳିତ ହୋଇଛି । ପୂଜା ପାଇଁ ଶ୍ରୀକ୍ଷେତ୍ର ଉତ୍ସବ ମୁଖର ହୋଇଉଠିଛି।

# ରାୟଗଡାରେ ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା

ରାୟଗଡା:୧୪/୯(ନି:ପ୍ର)ରାୟଗଡାରେ ସମସ୍ତ ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ସ୍ଥାନରେ ଗଣେଶ ଚତୁର୍ଥୀ ଶ୍ରଦ୍ଧା,ଭକ୍ତି,ଓ ଆଡମ୍ବରରେ ପାଳନ। ରାୟଗଡା ସହର ଉତ୍ସବମୁଖର। ରାୟଗଡାର କୋଣଅନୁକୋଣରେ ପାଳନ କରାଯାଉଛି ବିଘ୍ନହର୍ତ୍ତା, ମଙ୍ଗଳ କର୍ତ୍ତା, ବିଦ୍ୟାଦାତା ଗଣ ଦେବତା ଗଜାନନଙ୍କ ପୂଜା ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଇଛି।ଆଜି ପ୍ରାତଃ କାଳରୁ ରାୟଗଡାର ମନ୍ଦିର ମାନଙ୍କରୁ ଓଁ ବକ୍ରତୁଣ୍ଡ ମହାକାୟ ଶ୍ଳୋକ ପ୍ରତିଧ୍ୱନିତ ହୋଇ ସଞ୍ଚରି ଯାଉଥିଲା ସହର ସାରା। ସହରର ବିଭିନ୍ନ ପୂଜା ମଣ୍ଡପରେ ବିରାଜମାନ ବିଘ୍ନେଶ୍ୱରଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ, ଶଙ୍ଖ, ଘଣ୍ଟ ଘଣ୍ଟା, ଖୋଳତାଳ, ମୃଦଙ୍ଗ ବଜାଇ ଧୂପ,ଦୀପ ଦେଇ ଗଣେଶ ବନ୍ଦନ ସହ ପୂଜା ଅର୍ଚ୍ଚନା କରାଯାଇ ଥିଲା। ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପୂଜାମଣ୍ଡପ ନିକଟରେ ଏକତ୍ରିତ ରହି ଆରତୀ ଦର୍ଶନ କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ଏହାପରେ ଶ୍ରୀ ଗଜାନନାଙ୍କୁ ଭୋଗ ଲାଗି କରାଯାଇ ପ୍ରସାଦ ବଣ୍ଟନ କରାଯାଇଥିଲା।

# ପୋଖରୀରୁ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର

ଚମ୍ପୁଆ ,୧୪।୯ (ନିପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ଟିକିଲା ନାଏକ ଗତ କାଲି ସନ୍ଧ୍ୟାରେ ଶୌଚ ହେବାକୁ ପାଖ ପୋଖରୀକୁ ଯାଇ ଆଉ ଫେରିନଥିଲେ। ସକାଳୁ ତାଙ୍କ ମୃତ ଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମ ବାସୀ ପୋଲିସକୁ ଖବର ଦେବା ପରେ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଂଚି ଥିବା ପୋଖରୀରୁ ମୃତ ଦେହ ଉଦ୍ଧାର କରିଛି। ତେବେ ଶୌଚ ହେବା ସମୟରେ ପୋଖରୀରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ମୃତ ଦେହ ଉଦ୍ଧାର କରି ପୋଲିସ ମୃତ ଦେହ ଚମ୍ପୁଆ ଉପଖଣ୍ଡ ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ଆଣିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୯,୨୧୭ ମାମଲା ଫଇସଲା

ରାୟଗଡା,୧୪।୯ (ନିପ୍ର); ରାୟଗଡରେ ରାଷ୍ଟ୍ରୀୟ ଲୋକଅଦାଲତରେ ୪୯,୨୧୭ଟି ମାମଲା ଫଇସଲା ହୋଇ ସେଟେଲମେଣ୍ଟ ବାବଦକୁ ୬୫,୩୭,୪୧୬ ଟଙ୍କା ଆଦାୟ ହୋଇଅଛି । ଏହି ଲୋକ ଅଦାଲତରେ ରାୟଗଡ ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନ ଧରି ପଡିରହିଥିବା ୧୫୪ ଟି ମାମଲାର ଫଇସଲା ହୋଇ, ସମୁଦାୟଟ. ୬୦,୪୪,୩୫୫/-(ଷାଠିଏ ଲକ୍ଷ ଚଉରାଳିସ ହଜାର ତିନି ସହ ପଞ୍ଚାବନ ଟଙ୍କା) ଟଙ୍କାର ସେଟେଲମେଣ୍ଟ କରାଯାଇଅଛି । ସେହିପରି ରାଜସ୍ୱ ସମ୍ବନ୍ଧିତ ୪୯,୦୦୧ ଟି ମାମଲା ଫଇସଲା ହୋଇଅଛି । ପ୍ରିଲିଟିଗେସନ ସମ୍ବନ୍ଧିତ ୬୨ ଟି ମାମଲାର ଫଇସଲା ହୋଇ ସମୁଦାୟ ଟ.୪,୯୩,୦୬୧/-(ଚାରି ଲକ୍ଷ ତେୟାନବେ ହଜାର ଏକ ଷଠି) ଟଙ୍କା ର ସେଟେଲମେଣ୍ଟ କରାଯାଇଅଛି। ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ପରିବାର ଅଦାଲତର ବିଚାରପତି ସଞ୍ଜୟ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଦୌରା ଜଜ୍(ପୋକ୍ସ) ସଞ୍ଜିତ୍ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଆଲ୍ପନା ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ଣ୍ଣା ମହାପାତ୍ର, ବରିଷ୍ଠ ଦେୱାନି ବିଚାରପତି ଆଶିସ ପଟ୍ଟନାଏକ, ମହିଳା କୋଟର ବିଚାରପତି ସସ୍ମିତା ମିଶ୍ର, ଏସ୍.ଡି.ଜେ.ମ୍ ସୁଦେଷ୍ଣା ପଟ୍ଟନାଏକ, ଗ୍ରାମ ନ୍ୟାୟାଧିକାରୀ ଜ୍ୟୋତିରମୟୀ ଷଡଙ୍ଗୀ, ଜେ.ଏମ୍.ଏଫ୍.ସି ପାୟଲ ଅତା ଏବଂ ରାୟଗଡ ବାର ଆସୋସିଏସନର ସଭାପତି ବ୍ରଜ ସୁନ୍ଦର ନାଏକ, ସଚିବ ରମେଶ ଚନ୍ଦ୍ର ପାଢୀ ଓ ଅନ୍ୟ ଆଇନଜୀବି ପ୍ରମୁଖ ବିଭିନ୍ନ ଅଦାଲତ ପରିସରରେ ଅନୁଷ୍ଠିତ ହେଇଥିବା ବେଞ୍ଚରେ ଯୋଗଦେଇଥିଲେ ।

# ଗଣମାଧ୍ୟମର ପ୍ରତିନିଧିଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ମହାସଂଘର ମୂଳଲକ୍ଷ୍ୟ

କଣ୍ଟିଲୋ,୧୪।୯ (ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ ପୀଠରେ ନବ ଗଠିତ ଓଡିଶା ସାମ୍ବାଦିକ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ସଭାପତି ଦେବୀ ପ୍ରସାଦ ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।



ମହାସଂଘର ଉପ ସଭାପତି ଶୁଭ୍ରାଂଶୁ ମହାରଣା, ସାଧାରଣ ସମ୍ପାଦକ ଅଖିଳ ବିହାରୀ ପାଣିଗ୍ରାହୀ,ସହ ସମ୍ପାଦକ ବ୍ରଜବନ୍ଧୁ ଦେହୁରୀ, କୋଷାଧକ୍ଷ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ମହାସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ମତାମତ ପ୍ରଦାନ କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲାରେ କର୍ତ୍ତବ୍ୟରତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ମହାସଂଘର ମୂଳଲକ୍ଷ୍ୟ ଅଟେ ବୋଲି ମତ ପ୍ରକାଶ ପାଇବା ସହ ଆସନ୍ତା ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ନୟାଗଡ ଜିଲ୍ଲାର ଗଣିଆ ବ୍ଲକ ଅଧୀନ ମା କଳାପାଟ ଠାକୁରାଣୀଙ୍କ ପୀଠରେ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଆୟୋଜନ ନେଇ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟ ସରକାର ଅନ୍ୟ ରାଜ୍ୟ ପରି ସାମ୍ବାଦିକମାନଙ୍କର ପେନସନ, ସୁରକ୍ଷା ଓ ସମ୍ମାନ ପ୍ରତି ଦୃଷ୍ଟି ଦେବାକୁ ବରିଷ୍ଠ ସଦସ୍ୟମାନେ ଦାବି ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ସମାଜର କଲ୍ୟାଣ ନିମନ୍ତେ ମହାସଂଘ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ବୈଠକରେ ସ୍ଥିର ହୋଇଥିଲା।ଶେଷରେ ବରିଷ୍ଠ ସଦସ୍ୟ ଭୂପେନ ଦାଶ ଧନ୍ୟବାଦ ଦେଇଥିଲେ।

# ବୁଡିବାକୁ ବସିଲାଣି କାଠମିସ୍ତ୍ରୀଙ୍କ କୁଳ ବେଉସା

ଭାପୁର,୧୪।୯ (ନିପ୍ର); ସମାଜ ଗଢି ଉଠିବା ପରେ ଜାତିପ୍ରଥା ସୃଷ୍ଟି ହୋଇ ନିଜନିଜ କାର୍ଯ୍ୟକୁ ସୁପରିଚାଳନା ପାଇଁ ପରିବାର ମଧ୍ୟରେ ବଣ୍ଟନ କରାଯାଇଥିଲା। କିଏ ପୂଜାପାଠ କରିବ,କିଏ ମାଟିପାତ୍ର ଗଢିବ,କିଏ କେଶ କାଟିବ,କିଏ ଧାତୁର ଜିନିଷ ଗଢିବ,କିଏ କାଠ ଓ୍ ଲୁହାର ଉପକରଣ ଗଢିବ ଇତ୍ୟାଦି ଇତ୍ୟାଦି। ଏହି ଜାତିପ୍ରଥା ମଧ୍ୟରୁ ବର୍ତ୍ତମାନ ପରିସ୍ଥିତିରେ କେତେକ ନିଜର କୁଳ ବେଉସାକୁ ବନ୍ଦ କରିସାରିଲେଣି ଆଉ କେତେକ ନୂଆ ଯନ୍ତ୍ରପାତି ଉଦ୍ଭାବନ ହେବାରୁ ପୁରୁଣା ଯନ୍ତ୍ରପାତିକୁ ଭୁଲିଗଲେଣି।ସେମାନଙ୍କ ମଧ୍ୟରୁ କାଠ କାର୍ଯ୍ୟ କରୁଥିବା ବଢ଼େଇଙ୍କ ଅବସ୍ଥା ବର୍ତ୍ତମାନ ପରିସ୍ଥିତି ରେ ଶୋଚନୀୟ ହୋଇପଡିଛି।ଭାପୁର ବ୍ଲକ ର ପ୍ରତି ଗାଁ ଗହଳିରେ ବଢ଼େଇମାନେ ନିଜ କୁଳ ବେଉସା କୁ ହରେଇ ବସିଛନ୍ତି ଏବଂ ବଢ଼େଇ ଶାଳ ହଜିବାକୁ ବସିଲାଣି । ବର୍ତ୍ତମାନ ନୂଆ ନୂଆ ଯନ୍ତ୍ର ରନ୍ଦା ମେସିନ,କଟର ମେସିନ, ସାଇଣ୍ଡର,ଡ୍ରିଲ ମେସିନ, ଜିପସର,ରାଉଡର ଆଦି ଉଦ୍ଭାବନ ହେବା ଫଳରେ ପୁରୁଣା କାଠ ମିସ୍ତ୍ରୀଙ୍କ ହାତ ବନ୍ଦ ହୋଇଯାଇଛି ଏବଂ ଯୁବକମାନେ ନୂଆନୂଆ ବୈଦ୍ୟୁତିକ ଯନ୍ତ୍ରପାତି ଦ୍ୱାରା କାର୍ଯ୍ୟ କରୁଛନ୍ତି। ଫଳରେ, ପୁରୁଣା ୫୦ରୁ ଊର୍ଦ୍ଧ୍ୱ ସରଞ୍ଜାମ ଆଜିକାଲିକା ଯୁବକମାନଙ୍କ ପାଇଁ ସ୍ୱପ୍ନ ହେବାକୁ ବସିଛି। ସେଥିମଧ୍ୟରୁ ମୁଖ୍ୟତଃ,କରତ, ହାତବାରିସୀ, ବଟାଳି, ଲିହଣ, ପୁଆରୀ, କମାଣି ଭଅଁର,ଅଗର ଭଅଁର, ଖତକସ, ଗୁନିଆ,ଭାଇସ, ରନ୍ଦା ଆଦି ବୟସ୍କ କାଠ ମିସ୍ତ୍ରୀଙ୍କ ଘରେ ଅଲୋଡ଼ା ହୋଇପଡିଛି। ଭାପୁର ବ୍ଲକ ବିଜିପୁର ଗ୍ରାମର ସୁରେଶ ମହାରଣା,ସନ୍ତୋଷ ମହାରଣା,ଅଜୟ ମହାରଣା, ସଞ୍ଜୟ ମହାରଣା,ହାପି ମହାରଣା, ଲକ୍ଷ୍ମୀଧର, ମହାରଣା, ରବୀନ୍ଦ୍ର ମହାରଣା,ଯଦୁ ମହାରଣା, ମଧୁ ମହାରଣା, ବାଟି ମହାରଣା, ପଞ୍ଚୁ ମହାରଣା ଆଦି ନିଜନିଜର କାର୍ଯ୍ୟରୁ ଅବ୍ୟାହତି ନେଇ ବହୁ କଷ୍ଟରେ ଗୁଜରାଣ



ମେଣ୍ଟାଉଛନ୍ତି।ସେମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ କିଛି ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ଯୁବକ କାରିଗର ମାନଙ୍କୁ କୌଣସି ବୈଷୟିକ କାର୍ଯ୍ୟାଳୟରେ ନିଯୁକ୍ତି କରାଗଲେ କାଠମିସ୍ତ୍ରୀ ବେଉସା ବଞ୍ଚି ରହିବ ବୋଲି କାରିଗରମାନେ ମତପ୍ରକାଶ କରିଛନ୍ତି।


**ନୂଆଁଖାଇ ଜୁହାର - ୨୦୨୬**

**ନୂଆ ଧାନ, ନୂଆ ଆଶା, ନୂଆ ସ୍ୱାସ୍ଥ୍ୟ**

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ନୂଆ ଧାନ ଯେମିତି ସମୃଦ୍ଧି ଆଣେ, ସ୍ୱାସ୍ଥ୍ୟ ହିଁ ସେହିପରି ଜୀବନର ପ୍ରକୃତ ସମ୍ପଦ। ଆସନ୍ତୁ ଏହି ନୂଆ ଖାଇରେ ସଂକଳ୍ପ ନେବା ଯେପରିକି ଜିଲ୍ଲା ମାତୃମୃତ୍ୟୁ ଓ ଶିଶୁମୃତ୍ୟୁ ହାର କମାଇବାରେ ସହଯୋଗ କରିବା, ସମସ୍ତ ଯୋଗ୍ୟ କନ୍ୟାଙ୍କୁ ଜରାୟୁ ଗ୍ରୀବା କର୍କଟ ସୁରକ୍ଷା ଟିକା (ଏଚପିଭି) ଦେବା, ୩୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ ବିପି ଓ ସୁଗାର ଯାଞ୍ଚ କରିବା, ଟିବି ମୁକ୍ତ ଭାରତ କାର୍ଯ୍ୟକ୍ରମରେ ସହଯୋଗ କରିବା, କୁଷ୍ଠ ମୁକ୍ତ ଭାରତ କାର୍ଯ୍ୟକ୍ରମରେ ସହଯୋଗ କରିବା, କନ୍ୟା ଭ୍ରୁଣ ହତ୍ୟାକୁ ବିରୋଧ କରିବା ଏବଂ ଆମ ପରିବେଶ ସଫା ରଖିବା , ମେଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା।

**ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିର ଆପଣଙ୍କ ସେବାରେ ସର୍ବଦା ପ୍ରସ୍ତୁତ**
**ଡା. ଶ୍ରୀମତି ପୁଷ୍ପାଞ୍ଜଳି ମିଶ୍ର**
**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ବଲାଙ୍ଗିର**

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ**

ପବିତ୍ର ନୂଆଁଖାଇ ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସମସ୍ତ ଜମାକାରୀ, ଗ୍ରାହକ, ପୃଷ୍ଠ ପୋଷକ, ଶୁଭେଚ୍ଛୁ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଆନ୍ତରିକ ଶୁଭେଚ୍ଛା ଓ ମଙ୍ଗଳ କାମନା। ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦାସର୍ବଦା ଶୁଭ ରଖିଥାନ୍ତୁ, ତାଙ୍କରି ନିକଟରେ ଏତିକି ପ୍ରାର୍ଥନା। ଆଗାମୀ ଦିନମାନଙ୍କରେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଜାରି ରଖିବା ପାଇଁ ବିଶେଷ ଅନୁରୋଧ।

**ସଞ୍ଜୟ କୁମାର ପ୍ରଧାନ** — ଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ନରେନ୍ଦ୍ର ପ୍ରଧାନ — (ସଭାପତି)

**ନୂଆଖାଇ ଜୁହାର**

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାରଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ ( ଆଇଏନ୍‌ସି) ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ (ସାଇଟ) ଏମଏସସି. ନର୍ସିଂ, ଜିଏନଏମ ନର୍ସିଂ, ଏଏନଏମ ନର୍ସିଂ. ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଡିଏମଏଲଟି ଓ ଡିଏମଆରଟି ପରିବାର ତରଫରୁ ସମସ୍ତଙ୍କୁ ନୂଆଖାଇ ଜୁହାର। **ଡ . ନାରାୟଣ ପ୍ରସାଦ ମିଶ୍ର, ସଂପାଦକ**

**॥ ନୂଆଁ ଖାଇଁ ଜୁହାର ॥**

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ଓଁ **ମାଁ ସମଲେଶ୍ୱରୀ** ଓ ରେଢ଼ାଖୋଲ ଆରାଧ୍ୟ ଦେବତା **ପ୍ରଭୁ ପଞ୍ଚଖଣ୍ଡାଙ୍କ** ପୂଜା ଉପଲକ୍ଷେ ସମସ୍ତ ରେଢ଼ାଖୋଲ ବାସିଙ୍କୁ ଏକମାତ୍ର ସରକାରୀ ସ୍ୱୀକୃତି ପ୍ରାପ୍ତ 'ନନ୍ଦ ଟିମ୍ବୋର ଡିପୋ ଆଣ୍ଡ ଉଡ ଫର୍ଣ୍ଣିଚର' ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।




ଏହି ପବିତ୍ର ମାଟିର ପରମ୍ପରା ଓ ଗାଉଁଲି ସଂସ୍କୃତି ସମସ୍ତଙ୍କ ଜୀବନରେ ଆନନ୍ଦ, ଉଲ୍ଲାସ ଓ ଶାନ୍ତି ଭରିଦେଉ ଏହାହିଁ ଆମର କାମନା । ॥ ନୂଆଁଖାଇ ଜୁହାର୍ ॥

**ସ୍ୱା/-କୁଞ୍ଜବିହାରୀ ନନ୍ଦ**
**ରେଢ଼ାଖୋଲ,ରଥସାହି**

**॥ ନୂଆଁ ଖାଇଁ ଜୁହାର ॥**




ପବିତ୍ର ନୂଆଁ ଖାଇଁ ପରବ ଉପଲକ୍ଷେ କେସିଙ୍ଗା ଅଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**ଶ୍ରୀ ଲିଙ୍ଗରାଜ ମହାନନ୍ଦ**
**ମୁଖ୍ୟ ଶାଖା ପରିଚାଳକ, ଏସବିଆଇ କେସିଙ୍ଗା, କଳାହାଣ୍ଡି**

KAMALAKANTA NURSING HEALTH SCIENCE COLLEGE KNHSC KESINGA KALAHANDI
KAMALAKANTA NURSING & HEALTH SCIENCE COLLEGE
KESINGA, KALAHANDI

THE SAMBALPUR DISTRICT CO-OPERATIVE CENTRAL BANK LTD. 1956
THE SAMBALPUR DISTRICT CO-OP CENTRAL BANK LTD.

## ୬୬ କେଜି ସୁନାରେ ସଜ୍ଜିତ ଗଣପତି



ମୁମ୍ବାଇ,୧୪।୯: ମୁମ୍ବାଇର ଗଣେଶୋତ୍ସବ କଥା ଉଠିଲେ ଲାଲବାଗଚା ରାଜାଙ୍କ ନାଁ ନିଶ୍ଚିତ ଭାବେ ଆସେ। ତେବେ ମାୟାନଗରୀରେ ଆଉ ଜଣେ ଗଣପତି ଅଛନ୍ତି, ଯାହାଙ୍କ ଦରବାରରେ ଭକ୍ତି ସହ ବୈଭବ ମଧ୍ୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରୁଛି । କିଙ୍ଗ୍ସ ସର୍କଲସ୍ଥିତ ଜିଏସବି ସେବା ମଣ୍ଡଳର ଗଣପତିଙ୍କୁ 'ମୁମ୍ବାଇର ସବୁଠୁ ଧନୀ ବପ୍ପା' ବୋଲି କୁହାଯାଉଛି । ଏଥର ବପ୍ପାଙ୍କୁ ୬୬ କେଜି ଶୁଦ୍ଧ ସୁନା ଓ ୩୩୫ କେଜି ରୁପାର ଅଳଙ୍କାରରେ ସଜାଯାଇଛି । ଏହା ସହ ଗଣେଶୋତ୍ସବ ପାଇଁ ମଣ୍ଡଳ ପକ୍ଷରୁ ୭୦୩.୨୭ କୋଟି ଟଙ୍କାର ରେକର୍ଡ ବୀମା କଭର କରାଯାଇଛି। ଜିଏସବି ସେବା ମଣ୍ଡଳ ଚଳିତ ବର୍ଷ ଏହାର ୭୨ତମ ଗଣେଶୋତ୍ସବ ପାଳନ କରୁଛି । ଏଠାରେ ବିରାଜମାନ ମହାଗଣପତିଙ୍କ ଭବ୍ୟ ରୂପ ପ୍ରଥମ ଦୃଷ୍ଟିରେ ହିଁ ଭକ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଗଣେଶଙ୍କ ପ୍ରତିମାକୁ ୬୬ କେଜି ସୁନା ଓ ୩୩୫ କେଜି ରୁପାର ଅଳଙ୍କାରରେ ସଜାଯାଇଛି। ଏହି ମୂଲ୍ୟବାନ ଅଳଙ୍କାରର ସୁରକ୍ଷା ପାଇଁ ୭୦୩.୨୭ କୋଟି ଟଙ୍କାର ବୀମା କରାଯାଇଛି । କେବଳ ଗଣପତିଙ୍କ ଅଳଙ୍କାର ନୁହେଁ, ଦର୍ଶନ ପାଇଁ ଆସୁଥିବା ଭକ୍ତ, ସ୍ୱେଚ୍ଛାସେବକ ଏବଂ ସମଗ୍ର ଆୟୋଜନକୁ ମଧ୍ୟ ଏହି ବୀମା କଭରରେ ସାମିଲ କରାଯାଇଛି। ଏଠାରେ ଗଣେଶ ଠାକୁର ମାତ୍ର ୫ ଦିନ ପାଇଁ ବିରାଜମାନ ହୁଅନ୍ତି। ହେଲେ ତାଙ୍କ ସେବା ପାଇଁ ବିଦେଶର ବିଭିନ୍ନ ଦେଶରୁ ଏନଆରଆଇ ସେବାଦାରମାନେ ମୁମ୍ବାଇ ପହଞ୍ଚୁଛନ୍ତି । ସମଗ୍ର ଆୟୋଜନ ସ୍ୱେଚ୍ଛାସେବକଙ୍କ ସହଯୋଗରେ ଚାଲିଥାଏ । ମଣ୍ଡଳ ଅନୁସାରେ, ଏଠାରେ ୧ ଲକ୍ଷରୁ ଅଧିକ ସ୍ୱତନ୍ତ୍ର ପୂଜା ଓ ଅନୁଷ୍ଠାନ ଆୟୋଜିତ ହୋଇଥାଏ ।

## ସ୍ପୋର୍ଟସ୍ ମହିଳା ବାଇକ୍‌ରଙ୍କୁ ଧକ୍କା ରାସ୍ତା ଉପରେ ଘୋଷାଡି ପଡ଼ିଲେ



ଗୁରୁଗ୍ରାମ, ୧୪।୯: ରବିବାର ଗୁରୁଗ୍ରାମରେ, ଏକ ଦ୍ରୁତଗାମୀ ସେଡାନ୍ କାର୍ ହେଲମେଟ୍ ପିନ୍ଧି 'ଆପ୍ରିଲିଆ ଆର୍‌ଏସ୍ ୪୫୭' ସ୍ପୋର୍ଟସ୍ ବାଇକ୍ ଚଳାଉଥିବା ଜଣେ ମହିଳାଙ୍କୁ ଜାଣିଶୁଣି ଧକ୍କା ଦେଇଥିବା କୁହାଯାଇଛି। ଧକ୍କା ଲାଗିବା ପରେ ସେହି ମହିଳା ତଳେ ପଡ଼ିଯାଇଥିଲେ ଏବଂ ତାଙ୍କ ବାଇକ୍‌ଟି ରାସ୍ତା ଉପରେ ଘୋଷାଡ଼ି ହୋଇଯିବା ସହ ସେଥିରୁ ନିଆଁର ସ୍ଫୁଲିଙ୍ଗ ବାହାରିଥିଲା। ଇନଷ୍ଟାଗ୍ରାମରେ 'ରିବେଲ ହୁଇଲସ ସିଆ' ନାମରେ ପରିଚିତ ଏହି ମହିଳା କହିଛନ୍ତି ଯେ ସେ ପୋଲିସ୍ ନିକଟରେ ଅଭିଯୋଗ ଦାଖଲ କରିବେ।'ମୁଁ ଆଜି ସନ୍ଧ୍ୟାରେ ମୋ ଓକିଲଙ୍କ ସହାୟତାରେ ଏକ ଏଫ୍‌ଆଇଆର୍ ଦାଖଲ କରିବି ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି। ସାକ୍ଷାତକାର ପାଇଁ ମୋ ପାଖକୁ ବିଭିନ୍ନ ନ୍ୟୁଜ୍ ଚ୍ୟାନେଲ୍ ଓ ସାମ୍ବାଦିକମାନଙ୍କଠାରୁ ଅନେକ ଅନୁରୋଧ ମଧ୍ୟ ଆସୁଛି। ଦୟାକରି ଧୈର୍ଯ୍ୟ ଧରନ୍ତୁ ଓ ଶାନ୍ତ ରୁହନ୍ତୁ। ମୁଁ ମୋର ପରିଚୟ କିମ୍ବା ଚେହେରା ପ୍ରକାଶ କରିବାକୁ ଚାହୁଁନାହିଁ ଏବଂ ଏହି ସମୟରେ କୌଣସି ସାକ୍ଷାତକାର ଦେବି ନାହିଁ,' ବୋଲି ଇନଷ୍ଟାଗ୍ରାମରେ ୧୪,୦୦୦ରୁ ଅଧିକ ଫଲୋଅର୍ ଥିବା 'ରିବେଲ ହୁଇଲସ ସିଆ' ଏକ ପୋଷ୍ଟରେ କହିଛନ୍ତି।

## ଦୁଷ୍କର୍ମ ମାମଲାରେ ଆତ୍ମସମର୍ପଣ କଲେ ତରୁଣ ତେଜପାଲ

ନୂଆଦିଲ୍ଲୀ,୧୪।୯: ୨୦୧୩ ଦୁଷ୍କର୍ମ ମାମଲାରେ 'ତହଲକା'ର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ଆତ୍ମସମର୍ପଣ କରିଛନ୍ତି । ସୋମବାର ଗୋଆର ମାପୁସା କୋର୍ଟରେ ସେ ସରେଣ୍ଡର କରିଛନ୍ତି। ବମ୍ବେ ହାଇକୋର୍ଟଙ୍କ ଦୋଷୀ ସାବ୍ୟସ୍ତ ରାୟ ବିରୋଧରେ ତାଙ୍କ ଆବେଦନର ଶୁଣାଣି ପୂର୍ବରୁ ସରେଣ୍ଡର କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ମାସରେ ସୁପ୍ରିମକୋର୍ଟ ତେଜପାଲଙ୍କ ସରେଣ୍ଡରରୁ ଛାଡ଼ ପାଇଁ ହୋଇଥିବା ଆବେଦନକୁ ଖାରଜ କରିଥିଲେ। ଏଥିସହ ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାଟି ୨୦୧୩ ନଭେମ୍ବରର। ଜଣେ ମହିଳା ସାମ୍ବାଦିକ ତରୁଣ ତେଜପାଲଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ୭ ଓ ୮ ନଭେମ୍ବର ୨୦୧୩ରେ ଗୋଆର ଏକ ହୋଟେଲର ଲିଫ୍ଟ ଭିତରେ ତେଜପାଲ ତାଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ମହିଳା ସାମ୍ବାଦିକ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ୩୦ ନଭେମ୍ବର ୨୦୧୩ରେ ତେଜପାଲଙ୍କୁ ଗିରଫ କରାଯାଇଥିଲା। ମାମଲାର ଶୁଣାଣି ପରେ ବମ୍ବେ ହାଇକୋର୍ଟ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ରାୟକୁ ଚ୍ୟାଲେଞ୍ଜ କରି ତେଜପାଲ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଏହି ଆବେଦନର ଶୁଣାଣି ପାଇଁ ତାଙ୍କ ପକ୍ଷରୁ ଦାବି କରାଯାଉଛି । ସରେଣ୍ଡର କରିବାରୁ ଛାଡ଼ ପାଇଁ ତେଜପାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ପ୍ରଥମେ ତାଙ୍କ ଆବେଦନକୁ ତାଲିକାଭୁକ୍ତ କରି ଶୁଣାଣି କରାଯାଉ ଏବଂ ଏହାପରେ ସରେଣ୍ଡରର ଆବଶ୍ୟକତା ଉପରେ ନିଷ୍ପତ୍ତି ନିଆଯାଉ ବୋଲି ତାଙ୍କ ପକ୍ଷରୁ ଦାବି କରାଯାଇଥିଲା।

### ଦିଶା ସାଲିଆନ୍ ମୃତ୍ୟୁ ମାମଲା

# ସିବିଆଇ ଏତଲାରେ ଆଦିତ୍ୟ ଠାକରେ ଓ ରିୟା ଚକ୍ରବର୍ତ୍ତୀଙ୍କ ନାମ

ମୁମ୍ବାଇ,୧୪।୯: ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ସୋମବାର ପଞ୍ଜିକୃତ ହୋଇଥିବା ଏତଲାରେ ବିଧାୟକ ଆଦିତ୍ୟ ଠାକରେ, ଅଭିନେତା ଡିନୋ ମୋରିଆ ଓ ରିୟା ଚକ୍ରବର୍ତ୍ତୀଙ୍କ ନାଁ ରହିଛି। ବମ୍ବେ ହାଇକୋର୍ଟ ମାମଲାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ଏଜେନ୍ସିକୁ ନେବା ପାଇଁ ନିର୍ଦ୍ଦେଶ ଦେବାର ପ୍ରାୟ ଦୁଇ ସପ୍ତାହ ପରେ ଏହି ଘଟଣା ଘଟିଛି। ହତ୍ୟା, ଗଣଦୁଷ୍କର୍ମ, ଅପରାଧିକ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ କରିବା ଓ ମିଥ୍ୟା ସୂଚନା ପ୍ରଦାନ କରିବା ଭଳି ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଷଡ଼ଯନ୍ତ୍ର ଓ ପରବର୍ତ୍ତୀ ସମୟରେ ଅପରାଧ ଲୁଚାଇବାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ



ଠାକରେ ଓ ଅନ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ପୁଲିସ ଅଧିକାରୀମାନେ ମାମଲାର କାଗଜପତ୍ର, ଫାଇଲ୍ ଓ ଅନ୍ୟାନ୍ୟ ସାର୍ବଜନୀନ ରେକର୍ଡ ନଷ୍ଟ କିମ୍ବା ଦମନ କରିବା, ସରକାରୀ ରେକର୍ଡ ତିଆରି କରିବା ଏବଂ ବେଆଇନ ଉଦ୍ଦେଶ୍ୟରେ ତଥା ଅପରାଧୀମାନଙ୍କୁ ସୁରକ୍ଷା ଦେବା ପାଇଁ ସାର୍ବଜନୀନ ପାଣ୍ଠି, ମାନବଶକ୍ତି ଓ ପୁଲିସ ଯନ୍ତ୍ରପାତିର ଅପବ୍ୟବହାର କରିବା ପାଇଁ ମଧ୍ୟ ତଦନ୍ତ କରାଯାଇପାରେ ବୋଲି ସିବିଆଇ ଏତଲାରେ ଉଲ୍ଲେଖ କରାଯାଇଛି। ସିବିଆଇ ଏତଲାରେ କୁହାଯାଇଛି ଯେ, ଆଦିତ୍ୟ ଠାକରେ ଡିନୋ ମୋରିଆ, ସୁରଜ ପାଞ୍ଚୋଲି, ରିୟା ଚକ୍ରବର୍ତ୍ତୀ, ବିଳମ୍ବିତ ପୋଷ୍ଟମର୍ଟମ ସହିତ ଜଡିତ ଡାକ୍ତର ଓ କର୍ମଚାରୀମାନଙ୍କର ଭୂମିକାର ତଦନ୍ତ ଆବଶ୍ୟକ। ତଦନ୍ତ ଆଗେଇବାକୁ ପୂର୍ବରୁ ପୁଲିସକୁ ଦିଶା ସାଲିଆନ୍ ହତ୍ୟା ସମ୍ପର୍କରେ ସମସ୍ତ କାଗଜପତ୍ର ଓ ପ୍ରମାଣପତ୍ର ପ୍ରଦାନ କରିବାକୁ ସିବିଆଇ ଲେଖିଥିଲା। ଦିଶା ସାଲିଆନ୍‌ଙ୍କର ଜୁନ୍ ୮, ୨୦୨୦ରେ ମୁମ୍ବାଇର ମଲାଡରେ ଥିବା ଏକ ଆବାସିକ କୋଠାର ୧୪ ମହଲାରୁ ଖସି ପଡ଼ି ମୃତ୍ୟୁ ହୋଇଥିଲା। ସିଟି ପୁଲିସ ଏକ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ପୁଲିସ ଦିଶା ଆତ୍ମହତ୍ୟା କରିଥିବା କହିଥିଲା। ତେବେ ଗତ ସପ୍ତାହରେ ଦିଶାଙ୍କ ବାପା ସତୀଶ ସାଲିଆନ୍ ସିବିଆଇ ସମ୍ମୁଖରେ ତାଙ୍କର ବୟାନ ରେକର୍ଡ କରିଥିଲେ। ସତୀଶ ସାଲିଆନ୍ ତାଙ୍କ ଝିଅକୁ ଗଣଦୁଷ୍କର୍ମ ପରେ ହତ୍ୟା କରାଯିବା ଅଭିଯୋଗ କରିବା ସହିତ ଏହି ଘଟଣାର ଷଡ଼ଯନ୍ତ୍ର ଓ ଏହାକୁ ଚାପିବାକୁ ଉଦ୍ଧବ ଓ ଆଦିତ୍ୟ ଠାକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଭିଯୋଗ କରିଥିଲେ। ମୁମ୍ବାଇ ପୁଲିସ ତଦନ୍ତରେ ରହିଥିବା ତ୍ରୁଟିକୁ ଦର୍ଶାଇ ବମ୍ବେ ହାଇକୋର୍ଟ ସେପ୍ଟେମ୍ବର ୨ରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

### ରାଜଭାଷା ସମ୍ମିଳନୀ

## ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଶାହଙ୍କ ଗୁରୁତ୍ୱ

ମୁମ୍ବାଇ,୧୪।୯: କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସୋମବାର ସାଂସ୍କୃତିକ ଜାତୀୟତାବାଦ ଓ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଛନ୍ତି। ଶାହ କହିଛନ୍ତି, ସାଂସ୍କୃତିକ ଜାତୀୟତାବାଦର ଉଦ୍ଦେଶ୍ୟ ଭାରତର ସଂସ୍କୃତି ଓ ଇତିହାସ ନେଇ ସଚେତନତା ସୃଷ୍ଟି କରିବା। ଦେଶର ବିବିଧ ଭାଷାର ସ୍ୱର ଭିନ୍ନ ହୋଇପାରେ, କିନ୍ତୁ ଜାତୀୟ ଭାବନା ଏକ ରହିବା ଉଚିତ। ଜଣେ ଶିଶୁ ନିଜ ଦେଶକୁ ତା'ର ମାତୃଭାଷା ଦ୍ୱାରା ଚିହ୍ନିପାରେ ବୋଲି ଶାହ କହିବା ସହିତ ଭାରତୀୟ ଭାଷାର ପ୍ରୋତ୍ସାହନ ପାଇଁ ସମସ୍ତ ରାଜନୈତିକ ମତଭେଦକୁ ଅଲଗା ରଖିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ମହାରାଷ୍ଟ୍ରରେ ଦେଶର ସବୁଠାରୁ ଅଧିକ ବହୁଭାଷୀ ସଂସ୍କୃତି ରହିଛି, ଏଠାରେ କଥିତ ଓ ବିକଶିତ ଭାଷା ମଧ୍ୟରେ ମରାଠୀ, କୋଙ୍କଣୀ, ଗୁଜରାଟୀ, ସିନ୍ଧି, ହିନ୍ଦୀ, କନ୍ନଡ ଓ ଓ୍ୱାର୍ଲି ଅନ୍ତର୍ଭୁକ୍ତ। ସେ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରାଠୀକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି। ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ମାତୃଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ଶାହ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଥିଲେ ଓ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଅନ୍ୟ ଏକ ଭାରତୀୟ ଭାଷା ଶିଖିବା ମଧ୍ୟ ବାଧ୍ୟତାମୂଳକ। ନିଜ ମାତୃଭାଷା ବ୍ୟତୀତ ଆଉ ଏକ ଭାଷା ଶିଖିବାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜାଣିନାହାନ୍ତି ସେମାନେ କ'ଣ ପାପ କରୁଛନ୍ତି। ହିନ୍ଦୀକୁ ପ୍ରତିଦ୍ୱନ୍ଦ୍ୱୀ ଭାଷା ଭାବେ ନ ଦେଖିବାକୁ ଶାହ କହିଛନ୍ତି। ଏହି ଅବସରରେ ଶାହ କହିଥିଲେ, 'ବନ୍ଦେ ମାତରମ୍'କୁ ଏହାର ପୂର୍ଣ୍ଣ ଗୌରବ ଫେରାଇବାକୁ ୮୦ ବର୍ଷ ସମୟ ଲାଗିଥିଲା।



## ଚୀନ୍ ଆମର ଗୁପ୍ତଚରୀ କରୁଛି, ଆମେ ତା' ସହ ସମାନ କାର୍ଯ୍ୟ କରୁଛୁ: ଟ୍ରମ୍ପ

ନୂଆଦିଲ୍ଲୀ,୧୪।୯: ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ସମ୍ପର୍କରେ ଏକ ବଡ ବିବୃତ୍ତି ଜାରି କରିଛନ୍ତି। ସେ କହିଛନ୍ତି ଯେ, ଚୀନ୍ ଆମେରିକାରେ ଗୁପ୍ତଚର କରେ, ଏବଂ ଆମେରିକା ଚୀନ୍ ସହିତ ସମାନ କାର୍ଯ୍ୟ କରେ। ଟ୍ରମ୍ପ କହିଛନ୍ତି ଯେ, ସେ ତାଙ୍କ ଗସ୍ତ ସମୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହିତ ପ୍ରାୟ ସବୁକିଛି ଆଲୋଚନା କରିବେ। ଏହି ଦାବି ପୁଣି ଥରେ ଚୀନ୍ ଗୁପ୍ତଚର ବିଷୟରେ ବିତର୍କ ସୃଷ୍ଟି କରିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଖୁବ୍ ଶୀଘ୍ର ଆମେରିକା ଗସ୍ତ କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ସି ଜିନପିଙ୍ଗ ସେପ୍ଟେମ୍ବର ୨୩, ୨୦୨୬ ରେ ଆମେରିକାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସେ ସେପ୍ଟେମ୍ବର ୨୪ ରେ ହ୍ୱାଇଟ୍



ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ସାକ୍ଷାତ କରିବେ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଜୁନ୍ ମାସରେ ଚୀନ୍ ଗସ୍ତ କରିଥିଲେ। ସେ ସି ଜିନପିଙ୍ଗଙ୍କ ସହ ତାଙ୍କର ସାକ୍ଷାତକୁ ବହୁତ ସକାରାତ୍ମକ ବୋଲି ବର୍ଣ୍ଣନା କରିଥିଲେ। ଡୋନାଲ୍ଡ ଟ୍ରମ୍ପ ୨୦୨୮ ଆମେରିକା ରାଷ୍ଟ୍ରପତି ନିର୍ବାଚନ ବିଷୟରେ ମଧ୍ୟ କହିଥିଲେ।

## ମଣିପୁରରେ ହିଂସା: ଗୁଳିମାଡ଼ରେ ଗର୍ଭବତୀଙ୍କ ସମେତ ୪ ମୃତ

ଇମ୍ଫାଲ,୧୪।୯: ମଣିପୁରରେ ପୁଣି ହିଂସା ଉଗ୍ର ରୂପ ନେଇଛି। ରାଜ୍ୟର ୨ଟି ଗ୍ରାମରେ ଭୟଙ୍କର ସଂଘର୍ଷ ଉପୁଜିଛି। ତାମେଙ୍ଗଲଙ୍ଗ ଓ ନୋନି ଜିଲ୍ଲାରେ ଗୁଳିମାଡ଼ ଯୋଗୁ ୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତାମେଙ୍ଗଲଙ୍ଗ ଜିଲ୍ଲାରେ ଜଣେ ୬ ବର୍ଷୀୟ ଶିଶୁ ଅନାଥ ହୋଇଯାଇଛି। ଗୁଳିମାଡ଼ରେ ଶିଶୁର ବାପାମା'ଙ୍କ ମୃତ୍ୟୁ ହୋଇଯାଇଛି। ଉକ୍ତ ୬ ବର୍ଷୀୟ ଶିଶୁ ମଧ୍ୟ ଗୁଳିମାଡ଼ର ଶିକାର ହୋଇ ଏବେ ମୃତ୍ୟୁ ସହ ସଂଘର୍ଷ କରୁଛି। ପ୍ରଥମ ଆକ୍ରମଣରେ ଭୋର୍ ପ୍ରାୟ ୪ଟା ସମୟରେ ତାମେଙ୍ଗଲଙ୍ଗ ଏଲ୍ ଟୋଲ୍ଲେନ ଗ୍ରାମରେ କିଛି ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ଏଥିରେ ୪୨ ବର୍ଷୀୟ ଲିଙ୍ଗଜାଙ୍ଗାଇ ସିଙ୍ଗସିତ, ତାଙ୍କ ସ୍ୱାମୀ ତଥା ୫୪ ବର୍ଷୀୟ ଶିକୋନେ ସିଙ୍ଗସିତ ଏବଂ ସେମାନଙ୍କ ୬ ବର୍ଷୀୟ ପୁଅ ଉପରକୁ ଗୁଳିମାଡ଼ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଲିଙ୍ଗଜାଙ୍ଗାଇଙ୍କ ମୃତ୍ୟୁ ହୋଇଗଲା। ତାଙ୍କ ପତ୍ନୀ ସିକୋନେ ଚିକିତ୍ସାଧୀନ ଥିଲେ। ପରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା।

## ଦକ୍ଷିଣ ଆଫ୍ରିକାରେ ଭୟଙ୍କର ସଡ଼କ ଦୁର୍ଘଟଣା, ୨୧ ମୃତ

କେପ ଟାଉନ, ୧୪।୯: ଦକ୍ଷିଣ ଆଫ୍ରିକାର ଓ୍ୱେଷ୍ଟର୍ନ କେପ ପ୍ରଦେଶରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଅତି କମ୍‌ରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଲିଉ-ଗାମକା ଏବଂ ପ୍ରିନ୍ସ ଆଲବର୍ଟ ମଧ୍ୟରେ ହାଇୱେରେ ଘଟିଥିଲା, ଯେଉଁଠାରେ ଦୁଇଟି ମିନିବସ ଟ୍ୟାକ୍ସି ଏବଂ ଏକ ଏସୟୁଭି ମଧ୍ୟରେ ଧକ୍କା ହୋଇଥିଲା।ବାଂଲାଦେଶର ସରକାରୀ ସମ୍ବାଦ ଏଜେନ୍ସି ବାଂଲାଦେଶ ସଙ୍ଗବାଦ ସଂସ୍ଥା (ବିଏସଏସ) ଏବଂ ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ରୋଡ ଟ୍ରାଫିକ ମ୍ୟାନେଜମେଣ୍ଟ କର୍ପୋରେସନ (ଆରଟିଏମସି) କହିଛି ଯେ, ରବିବାର ରାତିରେ ଘଟିଥିବା ଦୁର୍ଘଟଣାରେ ୨୧ ଜଣଙ୍କୁ ଜୀବନଘାତୀ ଆଘାତ ଲାଗିବା ପରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଦୁର୍ଘଟଣା ରାତି ପ୍ରାୟ ୯:୩୦ରେ ଘଟିଥିଲା, ଯାହା ପରେ ହାଇୱେକୁ ବନ୍ଦ କରିବାକୁ ପଡ଼ିଥିଲା।ପୁଲିସ ଦୁର୍ଘଟଣା ସମ୍ପର୍କରେ ଅନିଚ୍ଛାକୃତ ହତ୍ୟାର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନେକ ଅନ୍ୟ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ଏହି ଦୁର୍ଘଟଣା କେପ ଟାଉନଠାରୁ ପ୍ରାୟ ୩୮୦ କିଲୋମିଟର ଉତ୍ତର-ପୂର୍ବରେ ଘଟିଥିଲା।

## ବିହାରରେ କୌଣସି ମୂଲ୍ୟରେ ଲାଗୁ ହେବ ନାହିଁ ୟୁସିସି: ଶ୍ୟାମ ରଜକ

ପାଟନା,୧୪।୯: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୯ ପୂର୍ବରୁ ବିଜେପି ଓ ବିଜେପି ନେତୃତ୍ୱାଧୀନ ସରକାର ଥିବା ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା ବା ୟୁସିସି ଲାଗୁ କରାଯିବ ବୋଲି ଘୋଷଣା କରିବା ପରେ ବିହାରରେ ଏହାକୁ ନେଇ ରାଜନୈତିକ ମତଭେଦ ସାମ୍ନାକୁ ଆସିଛି। ଜେଡିୟୁର ବରିଷ୍ଠ ବିଧାୟକ ଶ୍ୟାମ ରଜକ କହିଛନ୍ତି, ବିହାରରେ କୌଣସି ପରିସ୍ଥିତିରେ ୟୁସିସି ଲାଗୁ ହେବ ନାହିଁ। ଶ୍ୟାମ ରଜକ କହିଛନ୍ତି ଯେ ସଂସଦରେ ୟୁସିସି ସମ୍ପର୍କିତ ବିଲ୍ ପାରିତ ହେବା ସମୟରେ ଜେଡିୟୁ ଏହାକୁ ସମର୍ଥନ କରିଥିଲା। ତେବେ ସେହି ସମର୍ଥନ ସହିତ ଦଳ ସ୍ପଷ୍ଟ କରିଥିଲା ଯେ ବିହାରରେ ଏହି ସଂହିତା ଲାଗୁ ହେବାକୁ ଦିଆଯିବ ନାହିଁ। ଏବେ ମଧ୍ୟ ଦଳ ନିଜର ସେହି ଆଭିମୁଖ୍ୟରେ ଅଟଳ ରହିଛି। ସେ କହିଛନ୍ତି, ବିହାରରେ ବିଜେପିର ମୁଖ୍ୟମନ୍ତ୍ରୀ ଅଛନ୍ତି, କିନ୍ତୁ ସରକାର ଏକାକୀ ବିଜେପିର ନୁହେଁ। ମେଣ୍ଟରେ ଜେଡିୟୁ, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ମଧ୍ୟ ସାମିଲ ଅଛନ୍ତି। ତେଣୁ ବିହାରରେ ୟୁସିସି ଲାଗୁ ହେବାର ପ୍ରଶ୍ନ ହିଁ ଉଠୁନାହିଁ ବୋଲି ଶ୍ୟାମ ରଜକ କହିଛନ୍ତି। ଏହା ପୂର୍ବରୁ ରବିବାର ମୁମ୍ବାଇରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଅମିତ ଶାହ କହିଥିଲେ ଯେ ୨୦୨୯ ପୂର୍ବରୁ ବିଜେପି ଓ ଏହାର ନେତୃତ୍ୱାଧୀନ ସରକାର ଥିବା ସମସ୍ତ ୨୧ଟି ରାଜ୍ୟରେ ୟୁସିସି ଲାଗୁ କରାଯିବ।

## କର୍ଣ୍ଣାଟକରେ ଭୟଙ୍କର ମରୁଡ଼ି, ପାନୀୟ ଜଳ ଓ ବିଦ୍ୟୁତ୍ ସଙ୍କଟ ଆଶଙ୍କା: ମୁଖ୍ୟମନ୍ତ୍ରୀ

ରାମନଗର,୧୪।୯: କର୍ଣ୍ଣାଟକରେ ଭୟଙ୍କର ମରୁଡ଼ି ସ୍ଥିତି ଦେଖାଦେଇଛି ଏବଂ ଆଗକୁ ପାନୀୟ ଜଳ ଓ ବିଦ୍ୟୁତ୍ର ଘୋର ଅଭାବ ଦେଖାଦେଇପାରେ ବୋଲି ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ସୋମବାର କହିଛନ୍ତି। ରାଜ୍ୟରେ ମରୁଡ଼ି ମୁକାବିଲା ପାଇଁ ତାପଜ ବିଦ୍ୟୁତ୍ ଉତ୍ପାଦନ ବଢ଼ାଇବା ସହ ଜାତୀୟ ବିଦ୍ୟୁତ୍ ଗ୍ରିଡରୁ ଅତିରିକ୍ତ ବିଦ୍ୟୁତ୍ ଆଣିବାର ବିକଳ୍ପ ଖୋଜାଯାଉଥିବା ସେ କହିଛନ୍ତି। ନିଜ ପୈତୃକ ସହର କନକପୁରାରେ ସାମ୍ବାଦିକଙ୍କୁ ଶିବକୁମାର କହିଛନ୍ତି ଯେ, ରାଜ୍ୟର ୧୦୦ଟି ତାଲୁକକୁ ମରୁଡ଼ିଗ୍ରସ୍ତ ଘୋଷଣା କରାଯାଇସାରିଛି। ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ଅନ୍ୟ ଅଞ୍ଚଳଗୁଡ଼ିକୁ ମରୁଡ଼ିଗ୍ରସ୍ତ ଘୋଷଣା କରିବା ପ୍ରକ୍ରିୟା ଚାଲିଛି। ଚଳିତ ବର୍ଷ ଭୂତଳ ଜଳସ୍ତରରେ ବ୍ୟାପକ ହ୍ରାସ ଘଟିଛି। ଜଳାଭାବ ଯୋଗୁଁ ଫସଲ ନଷ୍ଟ ହୋଇଥିବା ବେଳେ ଅନେକ ସ୍ଥାନରେ ଚାଷକାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରିନାହିଁ। ଶିବକୁମାର କହିଛନ୍ତି, ଗତ ସପ୍ତାହରେ ରାଜ୍ୟର ବିଦ୍ୟୁତ୍ ଚାହିଦା ୧୯,୦୦୦ ମେଗାୱାଟ୍ ଅତିକ୍ରମ କରିଥିଲା।

## ୟୁକ୍ରେନ ଟ୍ରେନ୍ ଉପରେ ରୁଷିଆ ଆକ୍ରମଣ

ନୂଆଦିଲ୍ଲୀ,୧୪।୯: ୟୁକ୍ରେନ ଟ୍ରେନ୍ ଉପରେ ରୁଷିଆ ଆକ୍ରମଣ । ପୋଲାଣ୍ଡ ସୀମା ନିକଟରେ ଏକ ୟୁକ୍ରେନୀୟ ଯାତ୍ରୀ ଟ୍ରେନ୍‌କୁ ରୁଷିଆର ଏକ ଡ୍ରୋନ୍ ଆକ୍ରମଣ କରିଛି । ଏହି ଟ୍ରେନ୍ ପୂର୍ବତନ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଓ ଅନ୍ୟ ୟୁରୋପୀୟ ରାଜନୀତିଜ୍ଞମାନେ ଯାଉଥିବା ଟ୍ରେନ୍‌ଠାରୁ କିଛି ମିନିଟ୍ ପରେ ସେହି ସମାନ ପଥରେ ଯାଉଥିଲା ।ୟୁକ୍ରେନର ରେଳ ପରିଚାଳନା ସଂସ୍ଥା ଉକ୍ରଜାଲିଜନିତସିଆ ଅନୁସାରେ ଯାତ୍ରୀ ଟ୍ରେନ୍‌ଟି ପୋଲାଣ୍ଡ ସୀମାଠାରୁ ପ୍ରାୟ ୨ କିଲୋମିଟର୍ ଦୂରରେ ଆକ୍ରାନ୍ତ ହୋଇଛି । କୌଣସି ଜୀବନହାନି ହୋଇନାହିଁ । ଏହି ପଥ କିଭ ଓ ୟୁରୋପ ମଧ୍ୟରେ ବିଦେଶୀ ପ୍ରତିନିଧିମଣ୍ଡଳଙ୍କ ଯାତାୟାତ ପାଇଁ ବହୁଳ ବ୍ୟବହୃତ । କିଭ୍‌ରେ ଏକ ସମ୍ମିଳନୀରେ ଯୋଗ ଦେଇ ବୋରିସ୍ ଜନସନ୍ ଓ ଅନ୍ୟ ୟୁରୋପୀୟ ନେତାମାନେ ସେହି ରେଳପଥରେ ଯାଉଥିଲେ । ରୁଷିଆର କ୍ରମାଗତ ଆକ୍ରମଣ ଭୟରେ ରେଳ ସମୟସୂଚୀ ବାସ୍ତବ ସମୟରେ ପରିବର୍ତ୍ତନ କରାଯାଇଥିବାରୁ ୟୁରୋପିଓ ନେତା ଯାଉଥିବା ଟ୍ରେନଟି ନିର୍ଦ୍ଧାରିତ ସମୟଠାରୁ ଆଗରୁ ପ୍ରସ୍ଥାନ କରିଥିଲା । ଏହି ଟ୍ରେନ ସମ୍ଭବତ ରୁଷିଆର ଡ୍ରୋନର ଲକ୍ଷ୍ୟ ଥିଲା ।

### ଆମେରିକାର ଆଫ୍ରିକାସ୍ଥିତ ସାମରିକ ଘାଟି ଉପରେ ବଢ଼ିଲା ବିପଦ

# ହୁତି କବଜାରେ ମାୟୁନ୍ ଦ୍ୱୀପ



ସାନା,୧୪।୯: ୟେମେନର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ରେଡ୍ ସି'ର ଗୁରୁତ୍ୱପୂର୍ଣ୍ଣ ବାବ୍ ଅଲ୍-ମନ୍ଦେବ୍ ଜଳପଥ ମଝିରେ ଥିବା ମାୟୁନ୍ ଦ୍ୱୀପକୁ ଦଖଲ କରିନେଇଛନ୍ତି। ଏହାର ଗୋଟିଏ ଦିନ ପୂର୍ବରୁ ସେମାନେ ରେଡ୍ ସି' କୂଳର ଐତିହାସିକ ମୋଚା ବନ୍ଦରକୁ ମଧ୍ୟ ନିଜ ନିୟନ୍ତ୍ରଣକୁ ନେଇଥିଲେ। ଏହା ଫଳରେ ଏସିଆ ଓ ୟୁରୋପ୍ ମଧ୍ୟରେ ଜାହାଜ ଚଳାଚଳ ଏବଂ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଜଳପଥ ଉପରେ ହୁତିଙ୍କ ପ୍ରଭାବ ବଢ଼ିଛି। ମାୟୁନକୁ ପେରିମ୍ ମଧ୍ୟ କୁହାଯାଏ। ଏହା ବାବ୍ ଅଲ୍-ମନ୍ଦେବ୍ର ମଝିରେ ଥିବା ଏକ ଛୋଟ ଆଗ୍ନେୟଗିରି ଦ୍ୱୀପ। ଏହି ଜଳପଥ ଏହାର ସଂକୀର୍ଣ୍ଣ ସ୍ଥାନରେ ପ୍ରାୟ ୨୯ କିମି ଚଉଡ଼ା। ମାୟୁନ୍ ଦଖଲ କରିବା ପରେ ହୁତିମାନେ ଜିବୁତି ଉପକୂଳଠାରୁ ପ୍ରାୟ ୩୨ କିମି ଦୂରରେ ପହଞ୍ଚିଛନ୍ତି। ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳ ଆମେରିକାର ଆଫ୍ରିକାସ୍ଥିତ ପ୍ରମୁଖ ସାମରିକ ଘାଟି କ୍ୟାମ୍ପ ଲେମୋନିଅରଠାରୁ ୧୩୦ କିମିରୁ କମ୍ ଦୂରରେ ରହିଛି। କ୍ୟାମ୍ପ ଲେମୋନିଅର୍ ଆମେରିକାର ଆଫ୍ରିକା ମହାଦେଶର ଏକମାତ୍ର ସ୍ଥାୟୀ ସାମରିକ ଘାଟି। ଏଠାରେ ୪,୦୦୦ରୁ ଅଧିକ ସାମରିକ ଓ ବେସାମରିକ କର୍ମଚାରୀ ରହିଛନ୍ତି। ଆତଙ୍କବାଦ ବିରୋଧୀ ଅଭିଯାନ, ଡ୍ରୋନ୍ ଓ ସାମୁଦ୍ରିକ ସୁରକ୍ଷା କାର୍ଯ୍ୟକଳାପ ପାଇଁ ଏହି ଘାଟି ବ୍ୟବହାର ହୋଇଥାଏ। ଜିବୁତିରେ ଚୀନ୍, ଫ୍ରାନ୍ସ ଓ ଜାପାନର ମଧ୍ୟ ସାମରିକ ସୁବିଧା ରହିଛି। ୟେମେନରେ ୨୦୨୨ରେ ଜାତିସଂଘ ମଧ୍ୟସ୍ଥତାରେ ଅସ୍ତ୍ରବିରତି ହେବା ପରେ ପ୍ରାୟ ଶାନ୍ତି ରହିଥିଲା। ଜୁଲାଇରୁ ପରିସ୍ଥିତି ପୁଣି ଖରାପ ହେବା ଆରମ୍ଭ ହୋଇଥିଲା। ହୁତିମାନେ ୟେମେନର ଅନ୍ତର୍ଜାତୀୟ ସ୍ୱୀକୃତ ସରକାର ବିରୋଧରେ ଏକାଧିକ ମୋର୍ଚ୍ଚା ଖୋଲିଥିଲେ। ହୁତିଙ୍କ ଅଗ୍ରଗତି ରୋକିବାକୁ ସାଉଦି ଆରବ ସମର୍ଥିତ ୟେମେନ୍ ସରକାରୀ ବାହିନୀ ପାଲଟା ଆକ୍ରମଣ କରିଛି। ହୁତି ସାମରିକ ପ୍ରବକ୍ତା ୟାହ୍ୟା ସାରି କହିଛନ୍ତି, ୪୮ ଘଣ୍ଟା ମଧ୍ୟରେ ସାଉଦି ବିମାନ ୭ଟି ପ୍ରଦେଶରେ ୧୨୯ ଥର ଆକ୍ରମଣ କରିଛି। ତେବେ ସାଉଦି ଆରବ ଏହି ଆକ୍ରମଣକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହିଁ। ଏପଟେ ହୁତିମାନେ ସାଉଦି ଆରବର ଶରୁରାହ୍ସ୍ଥିତ ସାମରିକ ଘାଟି ଉପରେ ଆକ୍ରମଣ କରିଥିବା ଦାବି କରିଛନ୍ତି। ସାଉଦି କର୍ତ୍ତୃପକ୍ଷଙ୍କ ଅନୁସାରେ, ଜିଜାନରେ ଅନ୍ୟ ଏକ ହୁତି କ୍ଷେପଣାସ୍ତ୍ର ପଡ଼ି ୨ ଜଣ ଆହତ ହୋଇଛନ୍ତି ଏବଂ ଏକ ମସଜିଦ୍, ଗାଡ଼ି ଓ କିଛି କୋଠା କ୍ଷତିଗ୍ରସ୍ତ ହୋଇଛି। ଯୁଦ୍ଧ ଯୋଗୁଁ ସେପ୍ଟେମ୍ବର ଆରମ୍ଭରୁ ୮୨,୦୦୦ରୁ ଅଧିକ ୟେମେନ୍‌ବାସୀ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨,୦୦୦ରୁ ଅଧିକ ଲୋକ ସଂକୀର୍ଣ୍ଣ ଜଳପଥ ପାର ହୋଇ ଜିବୁତିରେ ପହଞ୍ଚିଛନ୍ତି। ମାୟୁନ୍ ଓ ମୋଚା ଦଖଲ ପରେ ୟେମେନ୍ ଯୁଦ୍ଧ ଏବେ ସାଉଦି ଆରବର ସୁରକ୍ଷା, ବିଶ୍ୱ ତୈଳ ଯୋଗାଣ ଏବଂ ଇରାନ୍-ଆମେରିକା ମଧ୍ୟରେ ଚାଲିଥିବା ବିବାଦ ସହ ଅଧିକ ଜଡ଼ିତ ହୋଇଛି।

### ଋଣ ନ ମିଳିବାରୁ ବ୍ୟାଙ୍କ ମ୍ୟାନେଜରଙ୍କୁ ଅପହରଣ

# ଅପହୃତ୍ତା ଉଦ୍ଧାର: ଦୁଇ ଅପହର୍ତ୍ତା ଗିରଫ

କଟକ(ନିପ୍ର): ବେସରକାରୀ ବ୍ୟାଙ୍କର ରିଲେସନସିପ ମ୍ୟାନେଜରଙ୍କୁ ଅପହରଣ ଘଟଣାରେ ମଧୁପାଟଣା ଥାନା ପୋଲିସ ଅପହୃତ୍ତାଙ୍କୁ ଉଦ୍ଧାର କରିବା ସହ ଦୁଇ ଜଣ ଅପହର୍ତ୍ତାଙ୍କୁ ମଧ୍ୟ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ବସ୍ତା ଥାନା ଅନ୍ତର୍ଗତ ଗମ୍ଭାରୀର ରାମଚନ୍ଦ୍ର ଦାସ ଓ ସିଙ୍ଗଲା ଥାନା ଅଞ୍ଚଳର ରାଜକୁମାର ସାହୁ । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଜଗତପୁର ଅଞ୍ଚଳରେ ଥିବା ଏକ ବେସରକାରୀ ବ୍ୟାଙ୍କରେ ମନୋଜ କୁମାର ସାହୁ ରିଲେସନସିପ ମ୍ୟାନେଜର ଭାବେ କାମ କରନ୍ତି । ତାଙ୍କର ପୈତୃକ ଘର ପୁରୀ ଜିଲ୍ଲା ଗୋପ ଅଞ୍ଚଳରେ । ସେ ପରିବାର ସହିତ ମଧୁପାଟଣା ଥାନା ଅନ୍ତର୍ଗତ ଦରଖା ପାଟଣା ଅଞ୍ଚଳରେ ରହୁଛନ୍ତି । ଗତ ତିନିଦିନ ପୂର୍ବେ ମନୋଜଙ୍କ ନିଖୋଜ ନେଇ ତାଙ୍କ ପତ୍ନୀ ମମତା ସାହୁ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଫୋନ ଲୋକେସନ ଯାଞ୍ଚ କରିବାରୁ ଜଣାପଡିଲାଯେ ମନୋଜ ବାଲେଶ୍ୱର ଅଞ୍ଚଳରେ ଅଛନ୍ତି । ଏହା ମଧ୍ୟରେ ମନୋଜଙ୍କ ପତ୍ନୀ ମମତାଙ୍କୁ କିଛି ଯୁବକ ଫୋନ କରି ଧମକଚମକ ଦେଲେ । ୧୦ ଲକ୍ଷ ଟଙ୍କା ଦେଲେ ତୁମ ସ୍ୱାମୀଙ୍କୁ ଛାଡିବୁ ବୋଲି କହିଲେ । ଏହି ବିଷୟ ଜାଣିବା ପରେ ମଧୁପାଟଣା ପୋଲିସ ସଂଗେ ସଂଗେ



ବାଲେଶ୍ୱର ପୋଲିସ ସହଯୋଗରେ ମନୋଜଙ୍କୁ ଠାବ କରି ଉଦ୍ଧାର କରିଥିଲା । ଏଥିସହିତ ଦୁଇ ଜଣ ଅପହରଣକାରୀ ଯୁବକଙ୍କୁ ମଧ୍ୟ ଧରିବାରେ ସଫଳ ହୋଇଥିଲା । ପରେ ମଧୁପାଟଣା ଥାନା ପୋଲିସ ବାଲେଶ୍ୱର ଯାଇ ମନୋଜଙ୍କୁ କଟକ ଫେରାଇ ଆଣିଥିଲା । ଅଧିକ ତଦନ୍ତ ପରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କେନ୍ଦ୍ର କରି ମନୋଜଙ୍କୁ ଅଭିଯୁକ୍ତ ଦ୍ୱୟ ଅପହରଣ କରିଥିବା ଜଣାପଡିଛି । ମନୋଜ ରିଲେସନସିପ ମ୍ୟାନେଜର ଥିବା ବେଳେ ବାଲେଶ୍ୱର ଅଞ୍ଚଳର କିଛି ଯୁବକଙ୍କର ବ୍ୟବସାୟ ପାଇଁ ଆକାଉଣ୍ଟ ଖୋଲିଥିଲେ । ସେଥିରେ କିଛି ଋଣ ମିଳିବ ବୋଲି ମଧ୍ୟ କହିଥିଲେ । ହେଲେ ପରବର୍ତ୍ତି ସମୟରେ ଋଣ ମିଳିଲାନି । ଏହାକୁ ନେଇ ଉକ୍ତ ଯୁବକ ମାନେ ମନୋଜଙ୍କ ଉପରେ ବିରକ୍ତ ହେଲେ । ଏଭଳି କିଛି ଦିନ ଯିବା ପରେ ଆକାଉଣ୍ଟ ଖୋଲିଥିବା ଯୁବକଙ୍କ ପାଖକୁ ଏକାଧିକ ଚିଠି ଆସିଲା । ତୁମ ଆକାଉଣ୍ଟରେ ବହୁ ଋଣ ହୋଇଛି । ବହୁ ବେଆଇନ ଟ୍ରାନଜାକସନ ମଧ୍ୟ ହୋଇଛି ବୋଲି ଚିଠିରେ ଉଲ୍ଲେଖ ଥିଲା । ଏଭଳି ଚିଠି ପାଇବା ପରେ ଯୁବକମାନେ ତୁରନ୍ତ ଏହାର ସମାଧାନ କରିବାକୁ ମନୋଜଙ୍କୁ କହିଥିଲେ । କିନ୍ତୁ ମନୋଜ ଦିନ ପରେ ଦିନ ଗଡାଇ ଚାଲିଲେ । ଏହା ମଧ୍ୟରେ ଯୁବକମାନେ ବିଭିନ୍ନ ଆଇନଗତ ସମସ୍ୟାର ସମ୍ମୁଖୀନ ହେଲେ । ଏଭଳି ସ୍ଥିତିରେ ବାଲେଶ୍ୱରର ଉକ୍ତ ଯୁବକମାନେ ତିନିଦିନ ତଳେ ଏକ କାର ନେଇ କଟକ ଆସିଲେ । ଦେଖା କରିବା ପାଇଁ ମନୋଜଙ୍କୁ ଏକ ସ୍ଥାନକୁ ଡାକିଲେ । ସେଠାରେ ମନୋଜ ପହଞ୍ଚିବା ପରେ ତାଙ୍କୁ ଜୋର ଜବରଦସ୍ତ କାରରେ ଭର୍ତ୍ତି କରି ବାଲେଶ୍ୱର ଅପହରଣ କରି ନେଇ ପଳାଇଥିଲେ ବୋଲି ଜଣାପଡିଛି । ଅପହରଣକାରୀ ରାମଚନ୍ଦ୍ର ଓ ରାଜକୁମାରକୁ କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ଅନ୍ୟ କିଛି ଯୁବକଙ୍କ ସଂପୃକ୍ତି ରହିଛି । ସେମାନଙ୍କୁ ଧରିବା ପାଇଁ ଚଢଉ ଜାରି ରହିଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## ଦୁଇ ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ରୁପା ଗହଣା ଚୋରି

କାଶୀନଗର(ନିପ୍ର): କାଶୀନଗର ଏସବିଆଇ ଛକ ନିକଟରେ ଥିବା ରୁଗୁଡା ଲଛନା ଓ ଆଉ କିଛି ଦୂରରେ ଥିବା ଘରେ ଏମିତି ଦୁଇଟି ଘରେ କବାଟ ତାଡି ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କା ସହ ସୁନା ଓ ରୁପା ଗହଣା ସବୁ ଚୋରିକରି ଚମ୍ପଟ ମାରିଛନ୍ତି । ସୂଚନା ମୁତାବକ ଆର ଲଛନାଙ୍କ ଶାଶୁଙ୍କ ଦେହାନ୍ତ ପରେ ତାଙ୍କ ଅସ୍ଥି ବିସର୍ଜନ ପାଇଁ ଯାଇଥିବା ବେଳେ ଅନ୍ୟ ଘର ମାଲିକ ମୁରଲୀ ଦାମୋଦର ଘରେ ଚାବି ଦେଇ କଟକ ଯାଇଥିଲେ । ଆର ଲଛନାଙ୍କ ଘରୁ ୩ ଲକ୍ଷ ଟଙ୍କା ସହ ସୁନା ଓ ରୁପା ଅଳଙ୍କାର ଏବଂ ଦାମୋଦରଙ୍କ ଘରୁ ସେମିତି ଟଙ୍କା ଓ ଅଳଙ୍କାର ଚୋରି ହୋଇଛି । କାଶୀନଗର ଥାନା ଅଧିକାରୀ ତ୍ରିନାଥ ସାହୁ ସଙ୍ଗେ ସଙ୍ଗେ ଦୁଇଟି ଘରକୁ ଯାଇ ଅନୁସନ୍ଧାନ କରିବା ସହ ସାଇଣ୍ଟିଫିକ ଟିମ ମଧ୍ୟ ଆସି ଦୁଇଟି ଘର ତଦନ୍ତ କରିଛି ।

# ଭଡାଟିଆଙ୍କୁ ଜାତିଆଣ ଆକ୍ଷେପ, ମାଲିକ ଗିରଫ

ଭୁବନେଶ୍ୱର(ନିପ୍ର): ଭଡାଟିଆଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଘର ଭିତରେ ତାଲା ପକାଇବା ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ଘର ମାଲିକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଆଶିଷ ମହାନ୍ତି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ଅନୁସୂଚିତ ଜାତି ବର୍ଗର ଏବଂ ବିଗତ ୬ ବର୍ଷ ହେବ ଘର ମାଲିକ ଆଶିଷ କୁମାର ମହାନ୍ତିଙ୍କ ଘରେ ଭଡ଼ା ନେଇ 'ଶ୍ରଦ୍ଧା ବୁଟିକ୍' ନାମକ ଏକ ଦୋକାନ ଚଳାଉଥିଲେ । ତଳ ମହଲାରେ ଥିବା ଅନ୍ୟ ଜଣେ ଦୋକାନୀ ବୁବୁ ସାହୁ ଓ ଘର ମାଲିକ ଆଶିଷ ତାଙ୍କୁ ଘର ଛାଡ଼ିବାକୁ ବାଧ୍ୟ କରିବା ସହ ବାରମ୍ବାର ଜାତିଆଣ ଆକ୍ଷେପ କରୁଥିଲେ । ଏନେଇ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଘର ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା । ପୂର୍ବ ମାମଲାକୁ ଉଠାଇ ନେବା ପାଇଁ ଅଭିଯୁକ୍ତ ଆଶିଷ କ୍ରମାଗତ ଚାପ ପକାଉଥିଲା । ଗତ ୦୩.୦୯.୨୦୨୬ ତାରିଖ ରାତିରେ ଅଭିଯୋଗକାରିଣୀ ଦୋକାନ ଭିତରେ ଥିବା ବେଳେ ଅଭିଯୁକ୍ତ ଜାଣିଶୁଣି ବାହାର ପଟୁ ତାଲା ପକାଇ ଦେଇଥିଲା ଯେପରି ସେ ବାହାରି ପାରିବେ ନାହିଁ । ପରଦିନ ୦୪.୦୯.୨୦୨୬ ସକାଳେ ଅଭିଯୋଗକାରିଣୀ ନୂଆ ଦୋକାନ ଘର ଖୋଜିବାକୁ ଯାଇଥିବା ବେଳେ ଅଭିଯୁକ୍ତ ନିଜର ଅନ୍ୟ ସହଯୋଗୀଙ୍କ ସହ ମିଶି ଦୋକାନର ତାଲା ଭାଙ୍ଗି ପ୍ରାୟ ୭ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରିନେଇଥିଲା ଏବଂ ବାକି ଜିନିଷପତ୍ରକୁ ରାସ୍ତା ଉପରକୁ ଫିଙ୍ଗି ଦେଇଥିଲା । ଲକ୍ଷ୍ମୀସାଗର ପୋଲିସ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ଜାତିଗତ ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିବା ପରେ ଆଜି ୧୪.୦୯.୨୦୨୬ ଅପରାହ୍ନରେ ମୁଖ୍ୟ ଅଭିଯୁକ୍ତ ତଥା ଘର ମାଲିକ ଆଶିଷ କୁମାର ମହାନ୍ତିକୁ କାବୁ କରିଛି । ସଂଗୃହୀତ ପ୍ରମାଣ ଆଧାରରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

## ଦୁଇ ଗ୍ରାମବାସୀଙ୍କ ଗଣ୍ଡଗୋଳ: ଫତେଗଡ଼ ଛକରେ ରାସ୍ତାରୋକ

ଭାପୁର(ନିପ୍ର)ଫତେଗଡ଼ ଥାନା ଶାସନ ପଞ୍ଚାୟତ ଅନ୍ତର୍ଗତ ଟିକିରିପଡା ଏବଂ ହେମନ୍ତପାଟଣା ଗ୍ରାମ ମଧ୍ୟରେ ମାଛ ମାରି ପାଣି ଗୋଳିଆ କରିବା ଘଟଣାକୁ ନେଇ ଗତ ୩/୪ ଦିନ ଧରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି ।ଏହି ସମସ୍ୟାକୁ ନେଇ ଥାନାରେ ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇ ଗୋଟି ମାମଲା ରୁଜୁ ହୋଇ ଟିକିରିପଡା ଗ୍ରାମର ୫ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳେଇଥିବାବେଳେ ସୋମବାର ହେମନ୍ତପାଟଣା ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଫତେଗଡ଼ ଗ୍ରାମ ଛକ ଉପରେ ରାସ୍ତା ରୋକ କରି ତାଙ୍କ ଗ୍ରାମର ଥାନାରେ ଅଟକ ରହିଥିବା ଯୁବକଙ୍କୁ ଛାଡ଼ିବା ଦାବିରେ ରାସ୍ତାରୋକ କରିଥିଲେ ।ସନ୍ଧ୍ୟାରେ ଫତେଗଡ଼ ଥାନାର ଇନଚାର୍ଜ ଖଣ୍ଡପଡା ଥାନା ଆଇ.ଆଇ.ସି. କୃତିବାସ ହରିଚନ୍ଦନ ଗ୍ରାମବାସୀମାନଙ୍କୁ ଥାନାକୁ ଡାକି ବିଚାରବିମର୍ଶ ଚଳେଇଥିବାବେଳେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିନଥିବା ଜଣାପଡିଛି ।

## ଛାତରୁ ଖସି ରାଜମିସ୍ତ୍ରୀ ଆହତ

ଭାପୁର(ନିପ୍ର): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଦୁବପଲ୍ଲୀ ଗ୍ରାମର ରାଜମିସ୍ତ୍ରୀ ରମେଶ ପ୍ରଧାନ(୪୮) ଛାତରୁ ଖସିପଡି ଗୁରୁତର ରୂପେ ଆହତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ, ସେ ସୋମବାର ସକାଳ ସମୟରେ ନିକଟ ବାଦିଲୋ ଗ୍ରାମକୁ ରାଜମିସ୍ତ୍ରୀ କାର୍ଯ୍ୟ କରିବା ପାଇଁ ଯାଇଥିଲେ । ସେ କାର୍ଯ୍ୟ କରୁଥିବା ସମୟରେ ଅସାବଧାନବଶତଃ ଛାତ ଉପରୁ ତଳକୁ ଖସି ପଡିଥିଲେ । ତାଙ୍କୁ ସଙ୍ଗେସଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ରହିଥିବାରୁ ଖୋର୍ଦ୍ଧା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରାଯାଇଥିଲା । ତାଙ୍କର ବାମ ହାତ ଭାଙ୍ଗି ଯାଇଥିବାବେଳେ ଅଣ୍ଟା ଯଖମ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପ୍ରକାଶ ।

## ଭିଣୋଇଙ୍କ ଦଶାହ ତୁଠରେ ଶାଳକର ମୃତ୍ୟୁ

ଅନୁଗୁଳ: ଭିଣୋଇ ଦଶାହ ତୁଠରେ ଶଳାର ମୃତ୍ୟୁ । ମାତେଳିଆ ଯୋରରେ ଦଶାହ ତୁଠରେ ଗାଧୋଉ ଥିବାବେଳେ ହୋମ୍ ପାଇପରେ ଫସି ଜୀବନ ହାରିଲେ ଯୁବକ । ମୃତ ବ୍ୟକ୍ତିଜଣକ ହେଲେ ଅନୁଗୁଳ ଜିଲ୍ଲା ଯୁକୁବୁ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ବିମଳ କିଶୋର ସାହୁ । ଏପଟେ ଦଶାହ କର୍ମ ବେଳେ ଶଳାର ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହେବାସହ ଉତ୍ତେଜନା ଦେଖାଦେଇଛି । ସୂଚନା ଅନୁସାରେ, ସୋମବାର ତୁମୁଣି ଗାଁରେ ବିମଳଙ୍କ ଭିଣୋଇ ଗିରିଶ ବିଶ୍ୱାଳଙ୍କ ଦଶାହ କର୍ମ ଥିଲା । ବହୁ ସମ୍ପର୍କୀୟଙ୍କ ସହ ବିମଳ ଦଶାହ ତୁଠକୁ କ୍ଷର ହେବାକୁ ଯାଇଥିଲେ । ସେଠାରେ କ୍ଷର ହେବାପରେ ଯୋରରେ ଗାଧୋଉଥିଲେ । ତେବେ ଯୋରର ପାଣି ସ୍ରୋତ ତାଙ୍କୁ ଟାଣି ନେବାରୁ ଯୋରର ବାଇପାସ୍ ରାସ୍ତାର ହୋମ ପାଇପ ଭିତରେ ଫସି ଯାଇଥିଲେ । ଉପସ୍ଥିତ ଲୋକମାନେ ଯେତେ ଚେଷ୍ଟା କଲେ ବି ତାଙ୍କୁ ଉଦ୍ଧାର କରିପାରି ନଥିଲେ । ସେମାନେ ତୁରନ୍ତ ଜେସିବି ଡକାଇ ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ।

## ଗାଡିରୁ ମୂଲ୍ୟବାନ ଜିନିଷ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଗ୍ୟାରେଜରୁ ମୂଲ୍ୟବାନ ଜିନିଷ ଚୋରି ଘଟଣାରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ କାର୍ତ୍ତିକ ମଣ୍ଡଳ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ଗୋପାଳ ପରିଡ଼ାଙ୍କ ଗ୍ୟାରେଜରୁ ପୂର୍ବରୁ ଏକାଧିକ ଥର ଗାଡ଼ିର ମୂଲ୍ୟବାନ ପାର୍ଟସ୍ ଚୋରି ହୋଇଥିଲା । ଏହି କାରଣରୁ ସେ ସତର୍କ ଦୃଷ୍ଟି ରଖିଥିଲେ । ଗତକାଲି ତା ୧୩.୦୯.୨୦୨୬ ରାତିରେ ଗ୍ୟାରେଜରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ କାର୍ତ୍ତିକ ମଣ୍ଡଳ ସେଠାରେ ପଶି କିଛି ଯନ୍ତ୍ରାଂଶ ଖୋଲି ଚୋରି କରୁଥିଲା । ଏହି ସମୟରେ ଅଭିଯୋଗକାରୀ ତାକୁ ଦେଖିଦେଇ ପାଟି କରିଥିଲେ ଏବଂ ଆଖପାଖ ଦୋକାନୀଙ୍କ ସହାୟତାରେ ତାକୁ ଗୋଡ଼ାଇ ଧରିବାରେ ସଫଳ ହୋଇଥିଲେ । ଚୋରି ହୋଇଥିବା ଯନ୍ତ୍ରାଂଶ ସହ ସ୍ଥାନୀୟ ଲୋକେ ଅଭିଯୁକ୍ତକୁ କାବୁ କରି ଶହୀଦ ନଗର ପୋଲିସରେ ଜିମା ଦେଇଥିଲେ । ଶହୀଦ ନଗର ପୋଲିସ ଅଭିଯୁକ୍ତ ନିକଟରୁ ପ୍ରାୟ ୪୦,୦୦୦ ଟଙ୍କା ମୂଲ୍ୟର ଚୋରା ଗାଡ଼ି ଯନ୍ତ୍ରାଂଶ ଉଦ୍ଧାର କରି ଜବତ କରିଛି । ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ସେ ପୂର୍ବରୁ ଅନ୍ୟ ଏକ ମାମଲାରେ ଜାମିନରେ ଆସି ପୁଣିଥରେ ଏହି ଚୋରି କରିଥିଲା । ସଂଗୃହୀତ ପ୍ରମାଣ ଆଧାରରେ ତାକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ଘରୋଇ ହସପିଟାଲରେ ଚାକିରି ନାଁରେ ଠକେଇ

ଭୁବନେଶ୍ୱର(ନିପ୍ର): ଏକ ଘରୋଇ ହସପିଟାଲରେ ଚାକିରୀ କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସୂର୍ଯ୍ୟ ନାରାୟଣ ପାଢ଼ୀ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ରଞ୍ଜନ କୁମାର ଖୁଣ୍ଟିଆ ପୂର୍ବରୁ ଏକ ପେଟ୍ରୋଲ ପମ୍ପରେ ମ୍ୟାନେଜର ଭାବେ କାମ କରୁଥିବା ବେଳେ ଅଭିଯୁକ୍ତ ସୂର୍ଯ୍ୟ ନାରାୟଣ ପାଢ଼ୀ ସହ ତାଙ୍କର ପରିଚୟ ହୋଇଥିଲା । ଅଭିଯୁକ୍ତ ନିଜକୁ ଭୁବନେଶ୍ୱରସ୍ଥିତ 'ଉତ୍କଳ ହସ୍ପିଟାଲ୍' ର ଫାଇନାନ୍ସିଆଲ୍ ହେଡ୍ ବୋଲି ମିଥ୍ୟା ପରିଚୟ ଦେଇଥିଲା । ସେ ଅଭିଯୋଗକାରୀଙ୍କୁ ମାସିକ ୬୦,୦୦୦/- ଟଙ୍କା ଦରମାରେ ଜୁନିୟର୍ ଆକାଉଣ୍ଟାଣ୍ଟ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲା । ବିଶ୍ୱାସ ଜନ୍ମାଇବା ପାଇଁ ଅଭିଯୁକ୍ତ ପ୍ରଥମେ ଅଭିଯୋଗକାରୀଙ୍କ ଠାରୁ କିଛି ଟଙ୍କା ଧାର ନେଇ ଠିକ୍ ସମୟରେ ଫେରାଇ ଦେଇଥିଲା ଏବଂ ତାଙ୍କୁ ବାରମ୍ବାର ବିଭିନ୍ନ ହସ୍ପିଟାଲ୍ ଓ ନିଜ ସମ୍ପର୍କୀୟଙ୍କ ଘରକୁ ବୁଲାଇ ନେଇଥିଲା । ଚାକିରି ଆଶାରେ ଅଭିଯୋଗକାରୀ ବିଭିନ୍ନ ସ୍ଥାନରୁ ଧାରକରଜ କରି ଗତ ୦୨.୦୧.୨୦୨୫ ରୁ ୩୦.୦୪.୨୦୨୫ ମଧ୍ୟରେ ଅଭିଯୁକ୍ତ ଏବଂ ତା'ର ପରିବାର ଲୋକଙ୍କ ବ୍ୟାଙ୍କ ଖାତାକୁ ମୋଟ ୩୪,୬୧,୩୭୦/- ଟଙ୍କା ପଠାଇଥିଲେ । ଦୀର୍ଘ ଦିନ ଧରି ଚାକିରି ନମିଳିବାରୁ ଅଭିଯୋଗକାରୀ ଟଙ୍କା ଫେରସ୍ତ ମାଗିଥିଲେ । ଅଭିଯୁକ୍ତ ସୂର୍ଯ୍ୟ ନାରାୟଣ କିସ୍ତି ଆକାରରେ କେବଳ ୪ ଲକ୍ଷ ୫୦ ହଜାର ଟଙ୍କା ଫେରାଇଥିବା ବେଳେ ବାକି ଟଙ୍କା ଆତ୍ମସାତ୍ କରିଥିଲା ଏବଂ ଏହି କାର୍ଯ୍ୟରେ ତା'ର ପରିବାର ଲୋକ ମଧ୍ୟ ସମ୍ପୃକ୍ତ ଥିଲେ । କ୍ୟାପିଟାଲ୍ ପୋଲିସ ଏହି ବଡ ଆର୍ଥିକ ଠକେଇର ତଦନ୍ତ କରି ବିଭିନ୍ନ ବ୍ୟାଙ୍କ୍ ଷ୍ଟେଟମେଣ୍ଟ ଯାଞ୍ଚ କରିବା ପରେ ଗତକାଲି ତା ୧୩.୦୯.୨୦୨୬ ରାତି ପ୍ରାୟ ୧୦ ଟାରେ ମୁଖ୍ୟ ଅଭିଯୁକ୍ତ ଲିଟୁ ଓରଫ ସୂର୍ଯ୍ୟ ନାରାୟଣ ପାଢ଼ୀକୁ ନାଲକୋ ଛକ ନିକଟରୁ ଠାବ କରି କାବୁ କରିଥିଲା । ସଂଗୃହୀତ ପ୍ରମାଣ ଆଧାରରେ ତାକୁ ଆଜି ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି ।


**ନୂଆଁଖାଇ ଜୁହାର**



ସଦାନନ୍ଦ ପୁଟେଲ
ବୈଦ୍ୟରାଜ,
ଗ୍ରାମ: କାଣ୍ଡେଲ,କେସିଙ୍ଗା

**ନୂଆଁଖାଇ ଜୁହାର**



ପଦ୍ମନାଭ ପୁରୋହିତ
ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ରାଜସ୍ୱ)
ଗେଲ୍ ଇଣ୍ଡିଆ ଲିମିଟେଡ୍
ଏମଏନଜେପିଏଲ୍ ପ୍ରୋଜେକ୍ଟ,
ଝାରସୁଗୁଡ଼ା

**ନୂଆଁଖାଇ ଜୁହାର**



ରତ୍ନରାଜ ଶତପଥୀ
ଗ୍ରାମ: ଉତକେଲା,
କେସିଙ୍ଗା


## ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ: ମାମଲା ରୁଜୁ

ସାଲେପୁର(ନିପ୍ର): ସ୍ଥାନୀୟ ସାଲେପୁର ଥାନାସ୍ଥିତ ଗୁରେଇପୁର ଗ୍ରାମର ବିରେନ୍ଦ୍ର ସାହୁଙ୍କ ପୁତ୍ର ଜ୍ୟୋତିରଂଜନ ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ଏହି ଘଟଣା ନେଇ ଜ୍ୟୋତିରଂଜନ ସାହୁଙ୍କ ମୁଣ୍ଡରେ ପ୍ରଚଣ୍ଡ ଆଘାତ ହୋଇଥିବାବେଳେ ସେ ସାଲେପୁର ଥାନାରେ ଲିଖିତ ଭାବରେ ଅଭିଯୋଗ କରିବା ପରେ ପୁଲିସ ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି । ସେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି ଯେ ତାଙ୍କର ପୈତୃକ ସମ୍ପତ୍ତିକୁ ଜବରଦଖଲ କରି ସେଠାରେ ବୁଲା ଷଣ୍ଢମାନଙ୍କୁ ରଖିବା ଏବଂ ଏହି ଷଣ୍ଢମାନେ ସ୍ଥାନୀୟ ଅଞ୍ଚଳର ଫସଲକୁ ନଷ୍ଟ କରିବା ଘଟଣାରେ ସେ ବିରୋଧ କରିବାରୁ ଯାଜପୁର ଜିନ୍ଦଲ କମ୍ପାନୀରେ କାମ କରି ଘରକୁ ଫେରୁଥିବାବେଳେ ରାତ୍ର ୧୧ ଘଟିକା ସମୟରେ ମେଲଣ ପଡ଼ିଆ ପାଖ ଦେଇ ଆସୁଥିବାବେଳେ ତାଙ୍କ ଉପରେ ୪ଜଣ ବ୍ୟକ୍ତି ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏହି ଘଟଣାରେ ସେ ସ୍ଥାନୀୟ ଅଞ୍ଚଳର ରସୁଆ ମଲ୍ଲିକ, ଆଶିଷ ମଲ୍ଲିକ, ଦେବାଶିଷ ମଲ୍ଲିକଙ୍କ ସମେତ ୧୦ରୁ ୧୫ଜଣ ଲୋକଙ୍କ ଉପସ୍ଥିତରେ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏହି ଘଟଣାରେ ତଦନ୍ତ କରୁଥିବା ଜଣାଯାଇଛି ।


**ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଗଣପର୍ବ "ନୂଆଁଖାଇ-୨୦୨୬" ଉପଲକ୍ଷେ ବଲାଙ୍ଗିର ପୌର ପରିଷଦ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ । ଏହି ଅବସରରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି ଓ ମୈତ୍ରୀରେ ସହବସ୍ଥାନ କରନ୍ତୁ । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରାର୍ଥନା ।



ଶ୍ରୀମତୀ ଲିକା ସାହୁ
ପୌରାଧକ୍ଷା
ପୌରସଂସ୍ଥା, ବଲାଙ୍ଗିର

ଗାୟତ୍ରୀ ଭୋଇ
ଉପ-ପୌରାଧକ୍ଷା
ପୌରସଂସ୍ଥା, ବଲାଙ୍ଗିର




- ବାର୍ତ୍ତା -

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର ।

Executive Officer
Balangir Municipality


# ଭେଜାଲ ଗୋଖାଦ୍ୟ କମ୍ପାନୀ ମାଲିକ ଗିରଫ



କଟକ(ନିପ୍ର): ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଥିବା ଶ୍ରୀ ଅମ୍ବିକା ଗୋଖାଦ୍ୟ କମ୍ପାନୀରୁ ରବିବାର ବିପୁଳ ପରିମାଣର ନାମୀ ଦାମୀ କମ୍ପାନୀର ନକଲି ଗୋଖାଦ୍ୟ ଜବତ ହେବା ପରେ ସୋମବାର ତା' ମାଲିକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ମାଲିକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ନୀଳାଦ୍ରିବିହାରର ଶୁଭମ ଗୁପ୍ତା (୩୧) । ଉଲ୍ଲେଖ ଯୋଗ୍ୟ ଯେ ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଥିବା ସମ୍ପୃକ୍ତ ଅମ୍ବିକା ଗୋଖାଦ୍ୟ କମ୍ପାନୀ କଲିକତାର ଆକାଶ ଗୋଲଡ଼ ଓ ସୋନା ଆକାଶ ଚୋକଡ ଗୋଖାଦ୍ୟ କମ୍ପାନୀର ଲୋଗୋ ନକଲ କରି ସେହି ବ୍ରାଣ୍ଡରେ ସାମଗ୍ରୀ ଭେଜାଲ କରି ବଜାରରେ ବିକ୍ରି କରୁଥିବା ନେଇ ଆକାଶ ଗୋଲଡ଼ ଓ ସୋନା ଆକାଶ ଚୋକଡ ଗୋଖାଦ୍ୟ କମ୍ପାନୀ ମାଲିକ ହରିଶ ଅଗ୍ରୱାଲ ଅଭିଯୋଗ କରିଥିଲେ । ସେ ତାଙ୍କ ଟ୍ରେଡ଼ ମାର୍କ ରେଜିଷ୍ଟ୍ରେସନ କରିଥିବା ବେଳେ ଏହି କମ୍ପାନୀ ବେଆଇନ ଭାବେ ତାକୁ ବ୍ୟବହାର କରି ତାଙ୍କ ଆର୍ଥିକ କ୍ଷତି କରିବା ସହ ତାଙ୍କ କମ୍ପାନୀ ଯଶ ଓ ଖ୍ୟାତିରେ ଆଞ୍ଚ ଆଣୁଥିବା ସେ ଅଭିଯୋଗ କରିଥିଲେ । ତଦନୁଯାୟୀ ଜଗତପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ରବିବାର ସକାଳେ ଏସିପି ଅରୁଣ କୁମାର ସ୍ୱାଇଁ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାସମଲଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ବିପୁଳ ପରିମାଣର ଆକାଶ କମ୍ପାନୀର ଆକାଶ ଗୋଲଡ଼ ଚୋକଡ, ସୋନା ଆକାଶ ଚୋକଡ ସହ କାମଧେନୁ ଚୋକଡ, ରାଜଭୋଗ ଚୋକଡ, କାମଧେନୁ ଡିଲକ୍ସ ବ୍ରାଣ୍ଡ ଚୋକଡ, ଶ୍ରୀ ଫାଇନ ବ୍ରାଣ୍ଡ ଚୋକଡ, ଧୂମୁରି ବ୍ରାଣ୍ଡ ଚୋକଡ, ଦଧି ମଲାଇ ବ୍ରାଣ୍ଡ ଚୋକଡ, ଜିଓ ବ୍ରାଣ୍ଡ ଚୋକଡ, ବିକାଶ ବ୍ରାଣ୍ଡ ଚୋକଡ, ସୋନା ବ୍ରାଣ୍ଡ ଚୋକଡ ଜବତ ହୋଇଥିଲା । ଏଥିସହ ବ୍ୟବହାର ଅନୁପଯୁକ୍ତ ଅଟା, କରତ ଗୁଣ୍ଡ ଆଦି ମଧ୍ୟ ଜବତ ହୋଇଥିଲା । ଏହି କମ୍ପାନୀ ତା' ଭେଜାଲ ସାମଗ୍ରୀଗୁଡିକୁ କଟକ, ଭୁବନେଶ୍ୱର, ପୁରୀ, ଜଗତସିଂହପୁର, ବାଲେଶ୍ୱର ଆଦି ବିଭିନ୍ନ ଜିଲ୍ଲାକୁ ଯୋଗାଇ ବ୍ୟବସାୟ କରୁଥିଲେ । ପୋଲିସ କମ୍ପାନୀକୁ ସିଲ କରିବା ସହ ଏହାର ମାଲିକ କଟକ ଚାଉଳିଆଗଞ୍ଜ ନୀଳାଦ୍ରିବିହାରର ଶୁଭମ ଗୁପ୍ତାକୁ ଅଟକ ରଖି ପଚରା ଉଚରା ଜାରି ରଖିଥିଲା ।








**ନୂଆଁଖାଇ ଜୁହାର**



ଜିତେନ୍ଦ୍ର ମେହେର
ସତ୍ୟମ ହ୍ୟାଣ୍ଡଲମ, ପଟାଭାଡି, ସୋନପୁର








'ଦିନଲିପି' ମୁଖ୍ୟ କାର୍ଯ୍ୟାଳୟରେ ଗଜାନନଙ୍କ ପୂଜାର୍ଚ୍ଚନା (ଫଟୋ-ଦିନଲିପି)

## କଟକରେ ଧମକଦେଇ ଚାନ୍ଦା ମାଗି ୩ ଯୁବକ ଗିରଫ

**କଟକ, ୧୪/୯(ନିପ୍ର):** ପୂଜା ଆଢୁଆଳରେ ରାସ୍ତାରେ ଗାଡ଼ି ଅଟକାଇ ଓ ବ୍ୟବସାୟୀଙ୍କୁ ଧମକଚମକ ଦେଇ ଜୋରଜବରଦସ୍ତି ଚାନ୍ଦା ଆଦାୟ କରି ତିନିଜଣ ଯୁବକ ଗିରଫ ହୋଇଛନ୍ତି। ଗିରଫହୋଇଥିବା ଯୁବକମାନେ ହେଲେ କଟକ ଜଗତପୁର ମା' ମଙ୍ଗଳାବସ୍ତିର ସରୋଜ ମନ୍ତ୍ରୀ ଓରଫ ଲିଙ୍କୁ, ସତୀଚୌରା ଅଞ୍ଚଳର ସୌମ୍ୟରଞ୍ଜନ ନାୟକ ଓରଫ ଲଡ୍ଡୁ ଓ ସୋନୁ ନାୟକ ଓରଫ ବାୟା । କଟକ କମିସନରେଟ୍ ପୋଲିସ ଅଧୀନ ମର୍କତ ନଗର ଥାନା ଓ ଜଗତପୁର ଥାନା ଅଞ୍ଚଳରେ ବଳପୂର୍ବକ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବାକୁ ୧୧୨ କିମ୍ବା ୮୨୮୦୩୩୮୩୦୩ରେ ସୂଚିତ କରିବାକୁ କଟକ ଡିସିପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହା ସହ ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରି ଜନସାଧାରଣଙ୍କୁ ସଚେତନ ମଧ୍ୟ କରାଯାଉଛି। ଆଜି ସୋମବାର ଏହି କ୍ରମରେ ରାଉଳିଆଗଞ୍ଜ ଥାନା ଅଞ୍ଚଳରେ ଏଭଳି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଉକ୍ତଯୁବକମାନେ ଲୋକଙ୍କୁ ଡରାଇଧମକାଇ ଚାନ୍ଦା ଆଦାୟ କରୁଥିବା ନେଇ ପୁଲିସକୁ ଫୋନ୍‌ରେ ସୂଚନା ମିଳିଥିଲା। ଏହି ଅଭିଯୋଗ ଆଧାରରେ, ଗତକାଲି ରାତିରେ ପୁଲିସ ଟିମ୍ ପହଞ୍ଚି ଉକ୍ତ ତିନି ଯୁବକଙ୍କୁ ପୃଥକପୃଥକ ସ୍ଥାନରୁ ଗିରଫ କରିଛନ୍ତି। ସୌମ୍ୟ ଓ ସୋନୁଙ୍କ ବିରୋଧରେ ମର୍କତନଗର ଥାନାରେ ବିଏନ୍‌ଏସ୍‌ର ଧାରା ୩୦୯(୬), ୩୨୪(୪), ୩(୫)ରେ ନଂ ୨୯୮/୨୦୨୬ରେ ମାମଲା ରୁଜୁ କରାଯାଇଛି।

## ଶୁକ୍ର ଗ୍ରହକୁ ଲୁଚାଇଲା ଚନ୍ଦ୍ର

ଭୁବନେଶ୍ୱର,୧୪।୯: ସୋମବାର ସନ୍ଧ୍ୟାରେ ଓଡ଼ିଶା ଏବଂ ଦକ୍ଷିଣ ଏସିଆର ବିଭିନ୍ନ ଅଞ୍ଚଳରେ ଆକାଶ ଦେଖୁଥିବା ଲୋକମାନେ ଏକ ଅସାଧାରଣ ମହାକାଶୀୟ ଘଟଣାର ସାକ୍ଷୀ ହୋଇଥିଲେ। ଚନ୍ଦ୍ର କିଛି ସମୟ ପାଇଁ ଶୁକ୍ର ଗ୍ରହକୁ ନିଜ ପଛରେ ଲୁଚାଇ ଦେଇଥିଲା, ଯାହାକୁ 'ଲୁନାର୍ ଅକଲଟ୍ଟେସନ୍ ଅଫ୍ ଭେନସ୍' (ଚନ୍ଦ୍ର ଦ୍ୱାରା ଶୁକ୍ରର ଅନ୍ତର୍ଦ୍ଧାନ) ବୋଲି କୁହାଯାଏ।ଏହି ମହାକାଶୀୟ ଘଟଣା ସନ୍ଧ୍ୟା ପ୍ରାୟ ୫:୨୦ ସମୟରେ ଆରମ୍ଭ ହୋଇଥିଲା, ଯେତେବେଳେ ଚନ୍ଦ୍ର ପୃଥିବୀ ଓ ଶୁକ୍ର ଗ୍ରହ ମଧ୍ୟରେ ସିଧାସଳଖ ଆସିଯାଇଥିଲା। ସନ୍ଧ୍ୟା ପ୍ରାୟ ୬:୪୫ ପର୍ଯ୍ୟନ୍ତ ଏହି ଉଜ୍ଜ୍ୱଳ ଗ୍ରହଟି ଚନ୍ଦ୍ରର ଆବରଣ ପଛରେ ସମ୍ପୂର୍ଣ୍ଣ ଲୁଚି ରହିଥିଲା ଏବଂ ପରେ ଅର୍ଦ୍ଧଚନ୍ଦ୍ରର ଆଲୋକିତ ଧାର ଦେଇ ପୁନର୍ବାର ଦୃଶ୍ୟମାନ ହୋଇଥିଲା। ସନ୍ଧ୍ୟାକାଳୀନ ଆକାଶରେ ଏହା ଏକ ଅତ୍ୟନ୍ତ ମନୋରମ ଦୃଶ୍ୟ ସୃଷ୍ଟି କରିଥିଲା।

## ଏମଏମଡିଆର ପ୍ରସଙ୍ଗ ଅର୍ଥନୈତିକ ଅବରୋଧ କରିବ ବିଜେଡି

**ଭୁବନେଶ୍ୱର, ୧୪/୯(ନିପ୍ର):** ଏମଏମଡିଆର ପ୍ରସଙ୍ଗରେ ଅର୍ଥନୈତିକ ଅବରୋଧ କରିବାକୁ ବିଜେଡି ଚେତାବନୀ ଦେଇଛି। ବିଜେଡି ବିଧାୟକ ଅରୁଣ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କେନ୍ଦ୍ର ଏମଏମଡିଆର ଆଇନ୍ ପ୍ରତ୍ୟାହାର କରୁ, ନଚେତ୍ ଆନ୍ଦୋଳନ କରିବୁ -ଅର୍ଥନୈତିକ ଅବରୋଧ, ବାଣିଜ୍ୟିକ ଅବରୋଧ ସହ ଆନ୍ଦୋଳନ କରାଯିବ। ୨୦୦୫ରୁ ୨୦୨୬ ଯାଏ ବାକିଆ ଲକ୍ଷେ ୨୦ ହଜାର କୋଟି ଟଙ୍କାର ରାଜସ୍ୱ ରାଜ୍ୟ ହରାଇଲା । ପୂର୍ବରୁ ଖଣି ଖଣିଜ ସମ୍ପଦ ଥିଲା ବୋଲି ପୁଞ୍ଜି ନିବେଶକାରୀ ରାଜ୍ୟକୁ ଆସୁଥିଲେ । ସେ କ୍ଷମତା ଯେତେବେଳେ କେନ୍ଦ୍ର ପାଖକୁ ଗଲା, ଆଉ ରାଜ୍ୟକୁ ପୁଞ୍ଜି ନିବେଶକାରୀ ଆସିବେ ତ ବୋଲି ବିଜେଡି ପ୍ରଶ୍ନ କରିଛି। ବିଜେଡି ଅଭିଯୋଗର ଜବାବ ରଖି ବିଜେପି ନେତା ଅମର ପଟ୍ଟନାୟକ କହିଛନ୍ତି ଯେ ବିଜେଡି ରାଜନୈତିକ ଫାଇଦା ହାସଲ ପାଇଁ ଲୋକଙ୍କୁ ବିଭ୍ରାନ୍ତି କରୁଛି।

## ଫାଟକ ଗଣେଶ ପୂଜା ମଣ୍ଡପରେ ଭୟାବହ ଅଗ୍ନିକାଣ୍ଡ

ସମ୍ବଲପୁର, ୧୪/୯: ବିଘ୍ନନାଶନ ଶ୍ରୀଗଣେଶଙ୍କ ପୂଜା ଏଠାକାର ବିଭିନ୍ନ ସ୍ଥାନରେ ଧୁମଧାମରେ ଅନୁଷ୍ଠିତ ହେଉଥିବା ବେଳେ, ସହରର ତେହେରିପାଲି ସ୍ଥିତ ଫାଟକ ନିକଟରେ ହେଉଥିବା ଗଣେଶ ପୂଜା ଉତ୍ସବ ଅଗ୍ନିକାଣ୍ଡ ଯୋଗୁଁ ଦୁଃଖର କାରଣ ପାଲଟି ଯାଇଛି । ବିଭିନ୍ନ ପୂଜା ମଣ୍ଡପ ଭଳି ଫାଟକ ପୂଜା ମଣ୍ଡପରେ ମଧ୍ୟ ଆକର୍ଷଣୀୟ ସାଜସଜ୍ଜା ଓ ଆଲୋକମାଳା ରହିଥିଲା । ସନ୍ଧ୍ୟାରେ ବାଦ୍ୟର ତାଳେତାଳେ ଶ୍ରଦ୍ଧାଳୁଙ୍କ ସହ ଯୁବଗୋଷ୍ଠୀ ମଧ୍ୟ ନୃତ୍ୟ କରୁଥିଲେ । ମାତ୍ର ବିଧିର ବିଧାନ ଥିଲା କିଛି ଭିନ୍ନ, ଆଖି ପିଛୁଳାକେ କେହି କିଛି ବୁଝିବା ପୂର୍ବରୁ ମଣ୍ଡପରେ ଘଟିଥିଲା ଅଗ୍ନିକାଣ୍ଡ । ଏହି ଅଗ୍ନିକାଣ୍ଡ ଏତେ ହୃଦୟ ବିଦାରକ ଥିଲା ଯେ ପ୍ରଭୁ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଅଗ୍ନି ସଂଯୋଗ ହୋଇଯାଇଥିଲା ।

## ନୂଆଁଖାଇ ପାଇଁ ଚଳଚଞ୍ଚଳ ସୋନପୁର

**ସୋନପୁର, ୧୪/୯(ନିପ୍ର):** ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ପାଇଁ ଏବେ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ଭାଇଚାରା ଓ ସାମୂହିକ ଏକତାର ଏକ ଜ୍ୱଳନ୍ତ ନିଦର୍ଶନ ହେଉଛି ଏହି ମହାନ ଗଣପର୍ବ। ମଙ୍ଗଳବାର ପର୍ବ ଆୟୋଜିତ ହେବାକୁ ଥିବା ବେଳେ ବର୍ତ୍ତମାନଠାରୁ ଗ୍ରାମାଞ୍ଚଳଗୁଡ଼ିକରେ ପ୍ରସ୍ତୁତି ଜୋରଦାର ହୋଇଗଲାଣି। ଘର ଲିପାପୋଛାଠାରୁ ଆରମ୍ଭ କରି ସଫାସୁତରା କାମରେ ଲୋକେ ଲାଗିପଡ଼ିଛନ୍ତି। ନୂଆଁଖାଇ ପାଇଁ ବଜାର ମଧ୍ୟ ଚଳଚଞ୍ଚଳ ହୋଇଉଠିଛି। ନୂଆ ପୋଷାକ କିଣିବା ପାଇଁ ଲୁଗା ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ସେହିପରି ନୂଆ ଧାନ, ପନିପରିବା ଏବଂ ପୂଜା ସାମଗ୍ରୀ ସହ ଅତ୍ୟାବଶ୍ୟକୀୟ ଜିନିଷପତ୍ର କିଣିବାକୁ ଲୋକଙ୍କ ନାହିଁ ନଥିବା ଗହଳି ଦେଖିବାକୁ ମିଳିଛି।

## ଶ୍ରୀଗଣେଶଙ୍କ ପୂଜା: ଚାରିଆଡ଼େ ଭକ୍ତିମୟ ପରିବେଶ

**ଜଟଣୀ:** ଜଟଣୀ ସହରରେ ରାଜାବଜାର,ମାଛ ଓ ପରିବା ବଜାର, ସୀତାରାମ ଛକ, ବଡ଼ବଜାର, ଗୋଲେଇ ମାର୍କେଟ, ହାଟବଜାର, ପୋଷ୍ଟ ଅଫିସ ଛକ, ଥାନା ଛକ, ମହୁଲ ଗୁଡ଼ିଆ ଛକ, ହରିଭାଇନା





ଛକ, ବ୍ଲକ ଛକ, ଖୁଦୁପୁର ଛକ, ନୂଆ ବସଷ୍ଟାଣ୍ଡ, ମେଡ଼ିକାଲ ଛକ, ହନୁମାନ ବାଟିକା ଛକ, କୁଦିଆରୀ ବଜାର, ରେତଙ୍ଗ କଲୋନୀ, ଆକାଉଣ୍ଟସ୍ କଲୋନୀ, ଟ୍ରାଫିକ କଲୋନୀ, ଲୋକୋ କଲୋନୀ ଆଦି ସ୍ଥାନରେ ୪୦ଟି ଅଧିକ ପୂଜା ମଣ୍ଡପରେ ଗଣେଶ, ଲକ୍ଷ୍ମୀ ଓ ସରସ୍ୱତୀ ପୂଜା ପାଉଛନ୍ତି । ଜଟଣୀ ସହର ଓ ଆଖପାଖ ଗ୍ରାମରେ ୩୦୦ରୁ ଅଧିକ ମେଢ଼ ପ୍ରତିଷ୍ଠା କରା ଯାଇଥିବା ଜଣାପଡ଼ିଛି ।

**ଡାବୁଗାଁ:** ଡାବୁଗାଁ ନିକଟ କେରାଣ୍ଡି ଗ୍ରାମରେ ମଧ୍ୟ ଧୁମ୍‌ଧାମରେ ପାଳିତ ହୋଇଛି ଗଣେଶ ପୂଜା। ବିଶେଷ କରି ପାତ୍ର ସହି କଳସି ମଣ୍ଡପ ନିକଟ ଗଣେଶ ପୂଜା, ଡାବୁଗାଁ ଜଗନ୍ନାଥ ମନ୍ଦିର ନିକଟର ଗଣେଶ ପୂଜା ଏବଂ ବାଷ୍ଟାଣ୍ଡର ଗଣେଶ ପୂଜା ଡାବୁଗାଁ ବ୍ଲକର ସବୁଠୁ ବଡ଼ ଆକର୍ଷଣ।

**ଚାରିଛକ:** ଚାରିଛକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଧୂମ୍‌ଧାମ୍‌ରେ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରିଛକ, ତୁଳସୀପୁର, ଅମରେଶ୍ୱର, ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରଦ୍ଧା ଓ ଭକ୍ତିର ସହ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହାସହିତ ବାହାରଣା, ଖୁଲିସ, ଅଟେଇହୁଡା, ତମ୍ପାଳ, ଛଣିଜଙ୍ଗ ଓ କଳାପାଞ୍ଚଣ ପ୍ରମୁଖ ସ୍ଥାନଗୁଡ଼ିକରେ ପ୍ରମୁଖ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ବ୍ୟାପକ ଆୟୋଜନ କରାଯାଇ ପ୍ରଭୁ ଗଣେଶଙ୍କ ପୂଜାପାଠ କରାଯାଇଛି। ବିଭିନ୍ନ ପୂଜା ମଣ୍ଡପଗୁଡ଼ିକ ଆକର୍ଷଣୀୟ ଆଲୋକମାଳା ଓ ତୋରଣରେ ସଜ୍ଜିତ ହୋଇଥିବା ବେଳେ ପ୍ରଭୁଙ୍କ ନିକଟରେ ଭୋଗ ଓ ଆରତି ଅର୍ପଣ କରାଯାଇଥିଲା।

**ନିରାକାରପୁର:** ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜାତ୍ସବ୍ର ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଆର୍ଯ୍ୟବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁର ମା' ପାଦୁକାଇ ୟୁଥ୍ କ୍ଲବ୍, ନିରାକାରପୁର ଷ୍ଟେସନ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିରାକାରପୁର ନରେନ୍ଦ୍ରପୁର ସାହି ୟୁନାଇଟେଡ କ୍ଲବ୍ ଏବଂ ଜଙ୍କିଆ ବାଲିଗାଡ଼ିଆ ଓମ୍ ଶ୍ରୀ ଗ୍ରୁପ ଗଣେଶ ପୂଜା କମିଟି ପକ୍ଷରୁ ଚିତ୍ତାକର୍ଷକ ମଣ୍ଡପ ନିର୍ମାଣ କରାଯାଇ ଗଣପତିଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଜଙ୍କିଆ ବାସନ୍ତୀ କ୍ଲବ ପଡ଼ିଆରେ ଜଙ୍କିଆ ପଲ୍ଲୀ ଉତ୍ସବ କମିଟି ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ରୁପଶ୍ରୀ ରାଣୀ ଗୁମାନ ସିଂହ, ମୁଖ୍ୟବକ୍ତା ପଙ୍କଜିନୀ ବଳବନ୍ତରାୟ, ସମ୍ମାନିତ ଅତିଥି ଈଶ୍ୱର ଚନ୍ଦ୍ର ମାର୍ଥା ଓ ସୁରେନ୍ଦ୍ର ନାଥ ଜେନା ଯୋଗ ଦେଇଥିଲେ। ଶ୍ରୀ ସାଇ ଡ୍ୟାନ୍ସ ଗ୍ରୁପ୍ ଓ ସନସାଇନ ଡ୍ୟାନ୍ସ ଗ୍ରୁପର କଳାକାର ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ।













Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ